ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୪/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, January 14/2022 | ★★★★

୪୮ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ଅବସର ନେଲେ ଲିଲିମା
ଓଡ଼ିଶାର ମହିଳା ହକି ତାରକା ଅଲିମ୍ପିଆନ ଲିଲିମା ମିଞ୍ଜ ଗୁରୁବାର ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି।

୨୦ ୧୮

ନେଟ୍‌ଫ୍ଲିକ୍ସରେ ଆସିବ 'ଲୁପ୍ ଲପେଟା'
ଫେବୃୟାରୀ ୪ରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ ହେବାକୁ ଯାଉଛି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଫିଲ୍ମ 'ଲୁପ୍ ଲପେଟା'।

ବିକାନେର ଏକ୍ସପ୍ରେସ୍‌ର ୧୨ ବଗି ଲାଇନଚ୍ୟୁତ

୫ ମୃତ, ୪୫ ଆହତ

କୋଲକାତା,୧୩।୧

ରାଜସ୍ଥାନର ବିକାନେରରୁ ପାଟନା ଦେଇ ଆସାମର ଗୁଆହାଟୀ ଅଭିମୁଖେ ଯାଉଥିବା ବିକାନେର ଏକ୍ସପ୍ରେସ୍ ଗୁରୁବାର ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଟ୍ରେନ୍‌ର ୧୨ଟି ବଗି ଲାଇନଚ୍ୟୁତ ହେବା ସହ ୫ ଜଣଙ୍କ ଜୀବନ ଯାଇଛି ଓ ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘଟଣାରେ ଦୁଃଖପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଉଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜଣାଇଛନ୍ତି। ଶୁକ୍ରବାର ରେଳମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ରେଲୱେ ନିରାପତ୍ତା କମିଶନରଙ୍କ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ବୋର୍ଡ ଅଧ୍ୟକ୍ଷ ଏବଂ ସୁରକ୍ଷା ଡିଜି ଦିଲ୍ଲୀରୁ ଦୁର୍ଘଟଣାସ୍ଥଳ ଅଭିମୁଖେ ଯାଇଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଗୁରୁତର ଆହତଙ୍କ ଲାଗି ୧ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଥିବାବେଳେ ସାମାନ୍ୟ ଆହତଙ୍କୁ ୨୫,୦୦୦ ଟଙ୍କା ଯୋଗାଇଦିଆଯିବ। ଗୁରୁବାର ଅପରାହ୍ନ ୫ଟା ୧୫ ମିନିଟ ସମୟରେ ଜଲପାଇଗୁଡ଼ିର ମୈନାଗୁଡ଼ି ଏବଂ ଗ୍ରୁ ଦୋମୋହନି ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି। ଲାଇନଚ୍ୟୁତ ବଗିରୁ ☞ପୃଷ୍ଠା–୪

କଣ୍ଟେନମେଣ୍ଟକୁ ଗୁରୁତ୍ୱ

ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ଅର୍ଥନୀତି ଓ ଲୋକଙ୍କ ଜୀବିକାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ମୋଦି

ନୂଆଦିଲ୍ଲୀ,୧୩।୧

ଦେଶରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। କରୋନା ଭୂତାଣୁର ପୂର୍ବ ଭାରିଆଣ୍ଟ ତୁଳନାରେ ଓମିକ୍ରନ୍ ଭାରିଆଣ୍ଟ ଲୋକଙ୍କୁ ବହୁଗୁଣରେ ଅଧିକ ସଂକ୍ରମିତ କରୁଛି। ସଂକ୍ରମଣ ରୋକିବା ଲାଗି ରଣନୀତି ପ୍ରସ୍ତୁତ କଲାବେଳେ ଦେଶର ଅର୍ଥନୀତି ଓ ସାଧାରଣ ଲୋକଙ୍କ ଜୀବିକାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଲକ୍‌ଡାଉନ୍ ପରିବର୍ତ୍ତେ ସ୍ଥାନୀୟ କଣ୍ଟେନମେଣ୍ଟ କଟକଣା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭାରତ ସମେତ ☞ପୃଷ୍ଠା–୪

୧୦ ହଜାର ଟପିଲା ଦୈନିକ ସଂକ୍ରମଣ

ରାଜ୍ୟରେ କରୋନା ନେଲା ଆଉ ୩ ଜୀବନ

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଗତ କିଛିଦିନ ତଳେ ୧ରୁ ୨ହଜାର ମଧ୍ୟରେ ରହୁଥିବା ଦୈନିକ ସଂକ୍ରମଣ ଗୁରୁବାର ୧୦ ହଜାର ପାର୍ କରିବା ସହ ଚିନ୍ତା ବଢାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୧୦ହଜାର ୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷ ମଧ୍ୟରେ ୮୭ଜଣ ରହିଛନ୍ତି। ସେହିପରି ଆଉ ୩ଜଣ କରୋନା ସଂକ୍ରମିତଙ୍କ ଜୀବନ ଯାଇଛି। ଏଥିମଧ୍ୟରେ ନୟାଗଡ଼, ଅନୁଗୋଳ ଓ କେନ୍ଦ୍ରାପଡ଼ାରୁ ଜଣେ ☞ପୃଷ୍ଠା–୪



ନୀଳଗିରି ବିଧାୟକ ୩ ଥର ସଂକ୍ରମିତ

ସଜନାଗଡ଼,୧୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ତୃତୀୟ ଥର ପାଇଁ କରୋନା ସଂକ୍ରମିତ ହୋଇଛନ୍ତି। ୩ଦିନ ଜ୍ୱର ହେବା ପରେ ସେ ବୁଧବାର ଆଣ୍ଟିଜେନ ଟେଷ୍ଟ କରିଥିଲେ। ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ଏହାକୁ ମିଶାଇ ଗତ ୧୮ ମାସ ମଧ୍ୟରେ ସେ ୩ ଥର କରୋନା ସଂକ୍ରମିତ ହୋଇଛନ୍ତି। ☞ପୃଷ୍ଠା–୪

ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ଜାରି

୧୭ରୁ ୨୧ ନାମାଙ୍କନ

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପର୍ବ ଆରମ୍ଭ ହୋଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ବ୍ଲକସ୍ତରରେ ନିର୍ବାଚନ ଅଧିକାରୀମାନେ ବିଜ୍ଞପ୍ତି ଜାରି କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ସମିତିସଭ୍ୟ ଏବଂ ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟଙ୍କ ପାଇଁ ବିଜ୍ଞପ୍ତି ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଆଫଗାନିସ୍ତାନରେ ମାନବୀୟ ସଙ୍କଟ

www.licindia.in

ଏଲ୍‌ଆଇସି ପଲିସୀଧାରକ, ଧ୍ୟାନ ଦିଅନ୍ତୁ:

ପ୍ରସ୍ତୁତ ହେବା ପାଇଁ
ଏହା ଜୀବନର ସର୍ବୋତ୍ତମ ସମୟ ।

ଭାରତ ସରକାର ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ ଆକ୍ଟ, 1956 ରେ ସଂଶୋଧନ କରିଛନ୍ତି, ଯାହାକି କର୍ପୋରେସନ୍‌କୁ ଏହାର ପ୍ରସ୍ତାବିତ ସାର୍ବଜନିକ ପ୍ରସଙ୍ଗରେ ଅଂଶଧନ ସଂରକ୍ଷଣ କରିବାକୁ ଅନୁମତି ଦେଇଛି ।*

ଅଂଶଗ୍ରହଣ କରିବାକୁ ସକ୍ଷମ ହେବା ନିମନ୍ତେ, ପଲିସୀଧାରକମାନେ ଦୁଇଟି ପଦକ୍ଷେପ ନେବା ଜରୁରୀ:

1 ଏଲ୍‌ଆଇସି ସହିତ ଆପଣଙ୍କର ବ୍ୟକ୍ତିଗତ ରେକର୍ଡଗୁଡିକ ଅପଡେଟ୍ କରନ୍ତୁ

- www.licindia.in ଭିଜିଟ୍ କରନ୍ତୁ ଏବଂ ଅନଲାଇନ୍‌ରେ ଆପଣଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) ପଞ୍ଜିକରଣ କରିବା ପାଇଁ ଆଇକନ୍ ଉପରେ କ୍ଲିକ୍ କରନ୍ତୁ ।
- ଆପଣଙ୍କର ଜନ୍ମ ତାରିଖ, ଲିଙ୍ଗ, ଇମେଲ୍ ID, PAN, ପୂରା ନାମ, ମୋବାଇଲ ନମ୍ବର ଏବଂ ଏଲ୍‌ଆଇସି ପଲିସୀ ନମ୍ବର ଦିଅନ୍ତୁ ।
- ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ଆପଣଙ୍କର PAN ରେକର୍ଡଗୁଡିକ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ ।

କୌଣସି ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ ।

2 ଏକ DEMAT ଆକାଉଣ୍ଟ ଖୋଲନ୍ତୁ (ଯଦି ଆପଣ ପାଖରେ ନାହିଁ)

- ଏକ DEMAT ଖାତା ଖୋଲିବାକୁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ପାଇଁ ଏହି ୱେବସାଇଟଗୁଡିକ ମଧ୍ୟରୁ କୌଣସିଟି ଭିଜିଟ୍ କରନ୍ତୁ:

NSDL:
https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=19

CDSL:
https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=18

- DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦସ୍ତାବିଜ୍ କୁ ପ୍ରଦାନ କରିବା ଜରୁରୀ:
  - ସାମ୍ପ୍ରତିକ ଫଟୋଗ୍ରାଫ
  - PAN କାର୍ଡ
  - ଠିକଣା ପ୍ରମାଣ
  - କ୍ୟାନସେଲ୍ ଚେକ୍
- DP ଅଧିକ ସୂଚନା ବି ଚାହିଁ ପାରନ୍ତି ।

କୌଣସି ସହାୟତା ପାଇଁ ଆପଣଙ୍କର ବ୍ୟାଙ୍କର କିମ୍ବା ବ୍ରୋକରଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଦୟାକରି ଧ୍ୟାନ ଦିଅନ୍ତୁ

ଏହି ବିଜ୍ଞପ୍ତି କିମ୍ବା ପଲିସୀଧାରକଙ୍କ ସହ ଶେୟାର କରାଯାଇଥିବା କୌଣସି ସୂଚନା ନିୟମର ଉଦ୍ଧିର୍ଟା ଶେୟାରର ଅଫର୍ ନୁହେଁ । ପଲିସୀଧାରକମାନେ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ନିକଟକୁ ଯିବାକୁ ପଡିବ ଏବଂ DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପୂରା ଦାୟୀ ରହିବାକୁ ପଡିବ । ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ପଲିସୀଧାରକ ବହନ କରିବେ । କୌଣସି ନିଶ୍ଚିତତା ନାହିଁ ଯେ ପଲିସୀଧାରକ ଯେକୌଣସି ପ୍ରସ୍ତାବିତ ପ୍ରଚଳନରେ ପଲିସୀଧାରକଙ୍କ ପାଇଁ ଶେୟାର ସଂରକ୍ଷଣ ଘଟଣା ନିମନ୍ତେ ମଧ୍ୟ ସେମାନେ ଆବେଦନ କରୁଥିବା ଯେକୌଣସି କିମ୍ବା ସମସ୍ତ ଉଦ୍ଧିର୍ଟା ଶେୟାର ବଣ୍ଟନ କରାଯିବ । କର୍ପୋରେସନ୍ ଏହାର ଉଦ୍ଧିର୍ଟା ଶେୟାରଗୁଡିକର ପ୍ରବର୍ତ୍ତନକୁ ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ଏକ ସାଧାରଣ ଅଫର୍‌ରେ କୌଣସି ବିନିଯୋଗ ସହିତ ଜଡିତ ବିପଦ ବିଷୟରେ ନିବେଶକମାନେ ସଚେତନ ହେବା ଆବଶ୍ୟକ ଅଟେ ।
ପଲିସୀଧାରକଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://licindia.in/ipo

*ପ୍ରସ୍ତାବିତ IPOର ସବିଶେଷ ତଥ୍ୟ ବୃତ୍ତାନ୍ତ ହେବା ପରେ ସୂଚିତ କରାଯିବ ।

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେସନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

ଆମକୁ ଅନୁସରଣ କରନ୍ତୁ: YouTube | LIC India Forever | IRDAI Regn No.: 512

LIC/RKS/2021-22/39/ORI

ଓଡ଼ିଶାରେ ୫୩୭ ବର୍ଗ କିମି ଜଙ୍ଗଲ ବଢ଼ିଛି

■ ଦେଶରେ ତୃତୀୟ ସର୍ବାଧିକ ■ ଭାରତରେ ବଢ଼ିଛି ୨,୨୬୧ ବର୍ଗ କିମି

ନୂଆଦିଲ୍ଲୀ, ୧୩।୧

ଭାରତରେ ଗତ ଦୁଇବର୍ଷରେ ଜଙ୍ଗଲ ପରିମାଣ ୨,୨୬୧ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ୨୦୧୯ରୁ ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୬୪୭ ବର୍ଗ କିମି ଜଙ୍ଗଲ ବଢ଼ିଛି। ଏହା ତଳକୁ ତେଲଙ୍ଗାନାରେ ୬୩୨ ବର୍ଗକିମି ଏବଂ ଓଡ଼ିଶାରେ ୫୩୭ ବର୍ଗକିମି ଜଙ୍ଗଲ ବୃଦ୍ଧି ପାଇଥିବା ଗୁରୁବାର ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍‌ଏଫ୍‌ଆର୍) ୨୦୨୧ରେ ପ୍ରକାଶ ପାଇଛି। ଭାରତୀୟ ବନ ସର୍ବେକ୍ଷଣ (ଏଫ୍‌ଏସ୍‌ଆଇ) ଦ୍ୱାରା ପ୍ରସ୍ତୁତ ଏହି ଦ୍ୱିବାର୍ଷିକ ରିପୋର୍ଟକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ରିଲିଜ କରିଛନ୍ତି।

ରିପୋର୍ଟ ମୁତାବକ, ୨୦୧୯ରୁ ଦେଶରେ ମୋଟ ୧୫୪୦ ବର୍ଗ କିମି ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଇଛି। ଏଥିସହ ୭୨୧ ବର୍ଗକିମି ଅଞ୍ଚଳ ବୃକ୍ଷ



ଆଚ୍ଛାଦିତ ହୋଇଛି। ଏବେ ଭାରତର ମୋଟ ଜଙ୍ଗଲ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୮୦.୯ ମିଲିୟନ(୮,୦୯,୦୦୦୦) ହେକ୍ଟରକୁ ବଢ଼ିଛି ଯାହା କି, ସମୁଦାୟ ଭୌଗୋଳିକ ଅଞ୍ଚଳର ୨୪.୬୨ ପ୍ରତିଶତ। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ପରେ କର୍ନାଟକରେ ୧୫୫ ବର୍ଗ କିମି ଏବଂ ଛାଡ଼ଖଣ୍ଡରେ ୧୧୦ ବର୍ଗ କିମି ଜଙ୍ଗଲ ବଢ଼ିଛି। କ୍ଷେତ୍ରଫଳ ଦୃଷ୍ଟିରୁ ମଧ୍ୟପ୍ରଦେଶରେ ସବୁଠୁ ଅଧିକ ସ୍ଥାନରେ ଜଙ୍ଗଲ ରହିଛି। ଏହି କ୍ରମରେ ଦ୍ୱିତୀୟରେ ଅରୁଣାଚଳ ପ୍ରଦେଶ, ତୃତୀୟରେ ଛତିଶଗଡ଼, ଚତୁର୍ଥରେ ଓଡ଼ିଶା ଏବଂ ପଞ୍ଚମରେ ମହାରାଷ୍ଟ୍ର ରହିଛି। ତେବେ ଉତ୍ତର-ପୂର୍ବାଞ୍ଚଳରେ ଜଙ୍ଗଲ ସମ୍ପଦ ୧,୦୨୦ ବର୍ଗ କିମି ଅଞ୍ଚଳରେ ହ୍ରାସ ପାଇଛି। ଅରୁଣାଚଳ ପ୍ରଦେଶରେ ୨୫୭ ବର୍ଗ କିମି ଜଙ୍ଗଲ ନଷ୍ଟ ହୋଇଥିବାବେଳେ ମଣିପୁରରେ ୨୪୯ ବର୍ଗ କିମି, ନାଗାଲାଣ୍ଡରେ ୨୩୫, ମିଜୋରାମରେ ୧୮୬ ଏବଂ ମେଘାଳୟରେ ୭୩ ବର୍ଗ କିମି ବନାଞ୍ଚଳ ହ୍ରାସ ପାଇଛି।

ଦେଶରେ ଜଙ୍ଗଲ ସମ୍ପଦ ବଢ଼ିବା ବେଶ ଆଶ୍ୱସ୍ତିକର। ଆମେ ସବୁଜ ବିପ୍ଳବର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରୁଛୁ ବୋଲି ଯାଦବ କହିଛନ୍ତି। ଜଙ୍ଗଲ ବୃଦ୍ଧି ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ୨୦୩୦ ସୁଦ୍ଧା ୨.୫ରୁ ୩ ବିଲିୟନ ଅଙ୍ଗାରକାମ୍ଳ ଗ୍ୟାସ୍ କମ୍ କରିବା ନିମନ୍ତେ ନଗର ବନ ଯୋଜନା ପ୍ରଣୟନ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

ସଂକ୍ଷେପରେ

କ୍ଷମା ମାଗିଲେ ବୋରିସ୍

ୱାଶିଂଟନ୍, ୧୩।୧: ଦେଶରେ ଲକ୍‌ଡାଉନ୍ କଟକଣା ଜାରି କରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ୨୦୨୦ ମେ'ରେ ପାର୍ଟି ଆୟୋଜନ କରିବାକୁ ନେଇ ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ଏ ନେଇ କ୍ଷମା ମାଗିଛନ୍ତି। ହାଉସ୍ ଅଫ୍ କମନ୍ସରେ ପ୍ରଶ୍ନକାଳ ଚାଲିଥିବାବେଳେ ବୋରିସ୍ ବୁଧବାର ଗୃହର ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ଭୁଲ ସ୍ୱୀକାର କରିଛନ୍ତି। ତେବେ ସେ ବ୍ୟକ୍ତିଗତ ଭାବେ କରୋନା କଟକଣା ଉଲ୍ଲଂଘନ କରି ନ ଥିବା ଦୋହରାଇଛନ୍ତି। ଦେଶରେ ପ୍ରଥମେ ଲକ୍‌ଡାଉନବେଳେ ଡାଉନିଂ ଷ୍ଟ୍ରିଟ୍‌ରେ ଆୟୋଜିତ ଏହି ପାର୍ଟିରେ ଶତାଧିକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ବୋରିସ୍ ଏବଂ ତାଙ୍କ ସ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ। 'ବ୍ରିଙ୍ଗ୍ ୟୋର ଓଜନ୍ ବୁଜ୍' ପାର୍ଟିର ନିମନ୍ତ୍ରଣ ଇମେଲ୍ ସର୍ବସମ୍ମୁଖକୁ ଆସିବା ପରେ ବିରୋଧୀ ଦଳ ସମେତ ବିଭିନ୍ନ ମହଲରୁ ତାଙ୍କୁ ସମାଲୋଚନା କରାଯାଇଥିଲା।

ପୂର୍ବତନ ଜେଲ କମିଶନରଙ୍କୁ ମୃତ୍ୟୁ ଦଣ୍ଡାଦେଶ

କଲମ୍ବୋ, ୧୩।୧: ଶ୍ରୀଲଙ୍କାର କଲମ୍ବୋ ହାଇକୋର୍ଟ ପୂର୍ବତନ ଜେଲ କମିଶନର ଏମିଲ୍ ରଞ୍ଜନ ଲାମାହେୱାଙ୍କୁ ୨୦୧୨ ୱେଲିକାଡା ଜେଲ ଦଙ୍ଗା ମାମଲାରେ ବୁଧବାର ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଏହି ଦଙ୍ଗାରେ ୨୭ ବନ୍ଦୀଙ୍କ ମୃତ୍ୟୁ ଘଟିଥିଲା। ମାମଲାର ପ୍ରଥମ ଅଭିଯୁକ୍ତ ତଥା ପୋଲିସ ନାର୍କୋଟିକ୍ସ ବ୍ୟୁରୋର ତତ୍କାଳୀନ ଇନ୍ସପେକ୍ଟର ନିଓମାଲ ରଙ୍ଗାଜିୱାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରାଯାଇଛି। ୨୦୧୨ ନଭେମ୍ବର ୯ରେ ଏହି ଘଟଣା ଘଟିଥିଲା। ଉଭୟଙ୍କୁ ୨୦୧୮ ମାର୍ଚ୍ଚରେ ଗିରଫ କରାଯାଇଥିଲା। ସେମାନଙ୍କ ନାଁରେ ୮ ଜଣ ବନ୍ଦୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା, ଜେଲ ଭିତରେ ବେଆଇନ ଭିଡ଼ ସୃଷ୍ଟି କରିବା ଆଦି ଅଭିଯୋଗ ରହିଥିଲା।

ଭାରତୀୟ ଗୋଇନ୍ଦା ହାତରୁ ଖସିଗଲେ ଦାଉଦଙ୍କ ପୁତୁରା

ନୂଆଦିଲ୍ଲୀ, ୧୩।୧: ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ପୁତୁରା ସୋହେଲ କଷ୍କରଙ୍କୁ ଭାରତ ଆଣିବାରେ ଗୋଇନ୍ଦା ସଂସ୍ଥା ଓ ମୁମ୍ବାଇ ପୋଲିସ ବିଫଳ ହୋଇଛନ୍ତି। ସୋହେଲ ଦୁବାଇ ଦେଇ ପାକିସ୍ତାନ ଖସି ପଳାଇଯାଇଛନ୍ତି। ସୋହେଲ ନିଶାଦ୍ରବ୍ୟ କାରବାର ସହ ଆତଙ୍କବାଦରେ ସମ୍ପୃକ୍ତ। ଆମେରିକାର ଏକ ଏଜେନ୍ସି ତାଙ୍କ ସମେତ ଡାନିଶ୍ ଅଲିଙ୍କୁ ଗିରଫ କରିଥିଲା। ଅନ୍ତର୍ଜାତୀୟ ସହାୟତାରେ ଅଲିଙ୍କୁ ଭାରତ ଅଣାଯାଇଛି। ତେବେ ସୋହେଲଙ୍କୁ ଭାରତ ଆଣିବା ଲାଗି ଭାରତୀୟ ଗୋଇନ୍ଦା ସଂସ୍ଥା ଦୀର୍ଘଦିନ ହେବ ଉଦ୍ୟମ ଚଳାଇଥିଲେ ମଧ୍ୟ ବିଫଳ ହୋଇଛି। ନିକଟରେ ଗୋଇନ୍ଦା ସଂସ୍ଥା ସୋହେଲଙ୍କ ଏକ କଲ୍‌କୁ ଟ୍ରେସ୍ କରିଥିଲା। ଏହା ଉପରେ ଖୋଳତାଡ଼ କରିବା ପରେ ଜଣାପଡ଼ିଥିଲା ଯେ ସୋହେଲ ଆମେରିକା ରୁ ଦୁବାଇ ଦେଇ ପାକିସ୍ତାନରେ ପହଞ୍ଚିଯାଇଛନ୍ତି। ତେବେ ଆମେରିକା କିପରି ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ ନ କରି ଛାଡ଼ିଦେଲା, ତାହା ଜଣାପଡ଼ିନାହିଁ।

ଅନ୍‌ଲାଇନ ଗେମ୍ ନିୟନ୍ତ୍ରଣ ପାଇଁ ଆଇନ ଆଣିବ ମଧ୍ୟପ୍ରଦେଶ

ଭୋପାଳ, ୧୩।୧: ଅନ୍‌ଲାଇନ ଗେମ୍ ଅନେକ ପିଲାଙ୍କ ଜୀବନ ନେଉଥିବାବେଳେ ମାଆବାପାଙ୍କ ପାଇଁ ଗମ୍ଭୀର ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟପ୍ରଦେଶ ସରକାର ଖୁବ୍‌ଶୀଘ୍ର ଆଇନ ଆଣିବାକୁ ଯାଉଛନ୍ତି। ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଗୁରୁବାର ଏହି ସୂଚନା ଦେଇଛନ୍ତି। ଏଥିରେ ଅନ୍‌ଲାଇନ ଗେମ୍ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ପାଇଁ ଗାଇଡ୍‌ଲାଇନ ଧାର୍ଯ୍ୟ କରାଯିବ। ମଧ୍ୟପ୍ରଦେଶ ସରକାର ଏଥିପାଇଁ ଚିଠା ପ୍ରସ୍ତୁତ କରିସାରିଥିବାବେଳେ ଖୁବ୍‌ଶୀଘ୍ର ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ନରୋତ୍ତମ କହିଛନ୍ତି। ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ଅନ୍‌ଲାଇନ ଗେମ୍ ନିୟନ୍ତ୍ରଣ ହେବ। ବିନା ଅନୁମତିରେ ଅନ୍‌ଲାଇନ ଗେମ୍ ଚଳାଉଥିବା କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍‌ଲାଇନ ଗେମ୍ ଯୋଗୁ ଏଭଳି ଅନେକ ଦୁଃଖଦ ଘଟଣା ବିଭିନ୍ନ ରାଜ୍ୟରେ ଘଟୁଛି।

ପଶ୍ଚିମବଙ୍ଗରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ସାଗର ଦ୍ୱୀପରେ ମକର ସଂକ୍ରାନ୍ତି ପୂର୍ବରୁ ବଙ୍ଗୋପସାଗର ସହ ଗଙ୍ଗା ନଦୀର ସଙ୍ଗମ ସ୍ଥଳରେ ଗୁରୁବାର ଶ୍ରଦ୍ଧାଳୁଙ୍କ ଭିଡ଼।

ୱାଶିମ ରିଜ୍‌ଭି, ଯତି ନରସିଂହାନନ୍ଦ ଗିରଫ

ଧର୍ମସଂସଦ ଘୃଣିତ ବକ୍ତବ୍ୟ ମାମଲା

ନୂଆଦିଲ୍ଲୀ, ୧୩।୧

ହରିଦ୍ୱାର ଧର୍ମ ସଂସଦରେ ଘୃଣିତ ତଥା ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ ଘଟଣାରେ ଉତ୍ତରାଖଣ୍ଡ ପୋଲିସ ଗୁରୁବାର ୱାଶିମ୍ ରିଜ୍‌ଭି ଓରଫ ଜିତେନ୍ଦ୍ର ନାରାୟଣ ତ୍ୟାଗୀ ଏବଂ ଯତି ନରସିଂହାନନ୍ଦଙ୍କୁ ଗିରଫ କରିଛି। ଇସ୍‌ଲାମ ଧର୍ମ ବିରୋଧରେ ସେମାନେ ଧର୍ମସଂସଦରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ପୂର୍ବରୁ ଉତ୍ତରାଖଣ୍ଡ ପୋଲିସ ଜିତେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ହିନ୍ଦୁ ନେତାମାନଙ୍କ ଘୃଣିତ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଶିଷ୍ଟ ବ୍ୟକ୍ତିମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏଥିସହିତ ଭାରତର ପ୍ରଧାନ ବିଚାରପତିଙ୍କୁ ମଧ୍ୟ ଏଥିରେ ହସ୍ତକ୍ଷେପ କରିବା ଲାଗି ନିବେଦନ କରାଯାଇଥିଲା। ଇସ୍‌ଲାମ ଧର୍ମ ଛାଡ଼ି ନିକଟରେ ହିନ୍ଦୁଧର୍ମ ଗ୍ରହଣ କରିଥିବା ଜିତେନ୍ଦ୍ର ଜାଣିଶୁଣି ଦେଶର କୋଟି କୋଟି ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଗୁଲ୍‌ବାହାର ଖାନ୍ ନାମକ ବ୍ୟକ୍ତି ହରିଦ୍ୱାରର କୋତୱାଲି ଥାନାରେ ଏତଲା ଦାଏର କରିଥିଲେ।

ୱାଶିମ୍ ରିଜ୍‌ଭି, ଯତି ନରସିଂହାନନ୍ଦ

ବିବାଦୀୟ ସୀମାରେ ସ୍ଥାୟୀ ନିର୍ମାଣ

ଭୁଟାନ ଉପରେ ଚାଇନା ନଜର

- ୬ ସ୍ଥାନକୁ କବ୍‌ଜା କରିଛି
- ନିର୍ମାଣ କଲାଣି ୨୦୦ ଷ୍ଟ୍ରକ୍ଚର

ନୂଆଦିଲ୍ଲୀ, ୧୩।୧

ଭାରତ ପରେ ଏବେ ଅନ୍ୟ ପଡ଼ୋଶୀ ଦେଶ ଭୁଟାନ ଉପରେ ନଜର ପକାଇଛି ଚାଇନା। ବିଶ୍ୱ କରୋନା ମହାମାରୀ ସହ ଲଢୁଥିବାବେଳେ ଏହାର ସୁଯୋଗ ନେଇ ଚାଇନା ଅନ୍ୟ ଦେଶର ଜାଗା ଦଖଲ କରିବାକୁ ଜୋରଦାର ଉଦ୍ୟମ ଚଳାଇଛି। ପୂର୍ବ ଲଦାଖରେ ଭାରତ ସହ ବିବାଦ ସୃଷ୍ଟି କରିବା ପରେ ଏବେ ଭୁଟାନ ସଂଲଗ୍ନ ବିବାଦୀୟ ସୀମାରେ ଚାଇନା ବେଆଇନ ଭାବେ ୨୦୦ରୁ ଅଧିକ ନିର୍ମାଣ କାର୍ଯ୍ୟ କରିଛି। ପ୍ରାୟ ୬ଟି ସ୍ଥାନକୁ କବ୍‌ଜା କରି ସେଠାରେ ୨ ମହଲା ବିଲ୍ଡିଂ ସହ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କରୁଛି। ଆଶ୍ଚର୍ଯ୍ୟର କଥା ସେଥିମଧ୍ୟରୁ ଅନେକ ବିଲ୍ଡିଂକୁ ସ୍ଥାୟୀ ଭାବେ ସେଠାରେ ତିଆରି କରାଯାଇଛି। କାପେଲା ସ୍ପେସ୍ ଏବଂ ପ୍ଲାନେଟ୍ ଲାବ୍ ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଚିତ୍ରରୁ ଚାଇନାର ଏହି ବେଆଇନ କାର୍ଯ୍ୟକଳାପ ବାବଦରେ ଜଣାପଡ଼ିଛି।

ରିପୋର୍ଟ ମୁତାବକ, ଭୁଟାନର ପଶ୍ଚିମ ସୀମାରେ ଚାଇନା ଅଧିକାଂଶ ନିର୍ମାଣ କାର୍ଯ୍ୟ ୨୦୨୦ରେ ଆରମ୍ଭ କରିଥିଲା। ସାରା ବିଶ୍ୱର ସେତେବେଳେ କରୋନା କବଳରେ ପଡ଼ିଥିବାବେଳେ ଚାଇନା ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳକୁ ସଫା କରିବା ସହ ପ୍ରଥମେ ଛୋଟ ଢାଞ୍ଚାଗୁଡ଼ିକ ନିର୍ମାଣ କରିଥିଲା। ଏହାଦ୍ୱାରା ସେଠାରେ ଆବଶ୍ୟକ ଉପକରଣ ତଥା ଅସ୍ତ୍ରଶସ୍ତ୍ର ରଖିବା ନିମନ୍ତେ ସୁବିଧା କରାଯାଇଥିଲା। ୨୦୨୧ରେ ଏହି କାର୍ଯ୍ୟ ଦ୍ରୁତବେଗରେ ଆଗେଇଥିଲା। ଭିତ୍ତିଭୂମି ନିର୍ମାଣ ହୋଇଥିବା ସ୍ଥାନ ଡୋକ୍‌ଲାମଠାରୁ ୯ରୁ ୨୭ କିଲୋମିଟର ଭିତରେ ରହିଛି। ଏହି ସୀମା ଚାଇନା, ଭୁଟାନ ସମେତ ଭାରତକୁ ମଧ୍ୟ ଲାଗିଛି। ସେଠାରେ ଚାଇନା ଏପରି ଭିତ୍ତିଭୂମି ନିର୍ମାଣ କରି ନିଜ ଉପସ୍ଥିତିକୁ ମଜଭୁତ କରିବାକୁ ଚାହୁଁଛି। ଏହା ଦ୍ୱାରା ଉଭୟ ଭୁଟାନ ଏବଂ ଭାରତର ନିରାପତ୍ତା ଉପରେ ବିପଦ ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରେ ଡୋକଲାମ୍ ଜଙ୍କସନ୍ ନିକଟରେ ୨ ମାସ ଧରି ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା।

ଭୁଟାନ ସଂଲଗ୍ନ ବିବାଦୀୟ ସୀମାରେ ଚାଇନା ବେଆଇନ ଭାବେ ନିର୍ମାଣ କରିଥିବା ଷ୍ଟ୍ରକ୍ଚର।

ଭାରତ–ଚାଇନା ସାମରିକ ଆଲୋଚନା ବିଫଳ

ନୂଆଦିଲ୍ଲୀ, ୧୩।୧

ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ଲାଗି ବୁଧବାର ଭାରତ ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ଚତୁର୍ଦ୍ଦଶ ପର୍ଯ୍ୟାୟ ସେନା ଆଲୋଚନା ବିଫଳ ହୋଇଛି। ଆଲୋଚନାରୁ କୌଣସି ସକାରାତ୍ମକ ନିଷ୍ପର୍ଷ ବାହାରିପାରି ନାହିଁ। ଖୁବ୍‌ଶୀଘ୍ର ଆଉ ଏକ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବ ବୋଲି ଆଶା କରାଯାଉଛି।

କୋଙ୍କା ଲା ନିକଟବର୍ତ୍ତ ଗୋଗ୍ରା–ହଟ୍ ସ୍ପ୍ରିଙ୍ଗ୍‌ସ୍‌ରୁ ସୈନ୍ୟ ପ୍ରତ୍ୟାହାର ସମେତ ଦୈଲେତ୍ ବେଗ୍ ଓଲ୍‌ଡି ସେକ୍ଟରର ଡେପସାଙ୍ଗ ବୁଲ୍‌ଜ ଏବଂ ଡେମଚୋକ୍ ସେକ୍ଟରର ଚାର୍ଡିଙ୍ଗ ନୁଲ୍ଲାରେ ପାଟ୍ରୋଲିଂ ଅଧିକାର ପ୍ରସଙ୍ଗର ସମାଧାନ କରିବା ଦିଗରେ ଭାରତୀୟ ପକ୍ଷ ପିଏଲ୍‌ଏକୁ ରାଜି କରାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କୂଟନୈତିକ ଭାଷାରେ କହିବାକୁ ଗଲେ, ଆଲୋଚନା ଗଠନମୂଳକ ଥିଲେ ମଧ୍ୟ ବିନା ସକାରାତ୍ମକ ନିଷ୍ପର୍ଷ ଏବଂ ଉଭୟ ପକ୍ଷ ଗ୍ରହଣ କଲାଭଳି ସମାଧାନରେ ନ ପହଞ୍ଚି ଶେଷ ହୋଇଛି। ତେଣୁ ଆଗାମୀ ଦିନରେ ଦୁଇ ଦେଶର ସେନା କମାଣ୍ଡର ମଧ୍ୟରେ ଆଲୋଚନା ଜାରି ରହିବ କିନ୍ତୁ ପିଏଲ୍‌ଏ ଗୋଗ୍ରା–ହଟ୍ ସ୍ପ୍ରିଙ୍ଗ୍‌ସରେ ୨୦୨୦ ଏପ୍ରିଲ ସମୟର ସ୍ଥିତି ବଜାୟ ରଖିବ କି ନାହିଁ ଏବଂ ଡେପ୍‌ସାଙ୍ଗ ବୁଲ୍‌ଜ କିମ୍ବା ସିଏନ୍‌ଜେ ପ୍ରସଙ୍ଗର ସମାଧାନ କରିବ କି ନାହିଁ ତାହାର କୌଣସି ଗ୍ୟାରେଣ୍ଟି ନାହିଁ।

ଚାଇନା ଅଧିକୃତ ଆକ୍ସାଇ ଚୀନ୍ ଅଞ୍ଚଳରେ ଦ୍ରୁତ ସୈନ୍ୟ ମୁତୟନ ଓ ଦ୍ରୁତ ସାମରିକୀକରଣ ଲାଗି ପଙ୍ଗୋଙ୍ଗ ସୋରେ ପିଏଲ୍‌ଏ ବ୍ରିଜ୍ ନିର୍ମାଣ କରୁଥିବା ପ୍ରସଙ୍ଗ ଭାରତୀୟ ସେନା ଉଠାଇଥିଲା। ଆଲୋଚନା ବିଫଳ ହୋଇଥିବାବେଳେ ପରବର୍ତ୍ତୀ ବୈଠକ କେବେ ବସିବ ତାହା ସ୍ଥିର ହୋଇନାହିଁ।

ଭାଇରାଲ ୱାର୍ଡ ଗେମ୍ 'ୱାର୍ଡଲେ'

ନ୍ୟୁୟର୍କ, ୧୩।୧

ମହାମାରୀବେଳେ ଲୋକେ ଅଧିକ ସମୟ ଘରେ ବିତାଉଥିବାବେଳେ ଏକ ମଜାଦାର ଗେମ୍ ଅନଲାଇନରେ ବେଶ୍ ଲୋକପ୍ରିୟ ହୋଇଛି। ସହଜ ଏବଂ କୌତୁହଳପୂର୍ଣ୍ଣ ହୋଇଥିବାରୁ ବହୁ ସଂଖ୍ୟାରେ ୟୁଜର୍ସ ଏବେ ଏହି ଖେଳରେ ମାତିଛନ୍ତି। ଏହାର ନାମ ହେଉଛି 'ୱାର୍ଡଲେ'। ନିଜ ପାର୍ଟନରଙ୍କୁ ଉପହାର ଦେବାକୁ ନ୍ୟୁୟର୍କ ବାସିନ୍ଦା ଜୋଶ୍ ୱାର୍ଡଲେ ଏହି ଗେମ୍ ପ୍ରସ୍ତୁତ କରିଥିଲେ। ଗତ ନଭେମ୍ବରରୁ ଚଳିତ ଜାନୁୟାରୀ ମଧ୍ୟରେ ୱାର୍ଡଲେ ଗେମ୍‌ର ୟୁଜର୍ସ ୯୦ରୁ ୩ ଲକ୍ଷକୁ ବୃଦ୍ଧି ପାଇଥିବା ଜୋଶ୍ କହିଛନ୍ତି। କୋଭିଡ୍–୧୯ରେ ଲୋକେ ଘର ଭିତରେ ରହୁଥିବାବେଳେ ସେମାନଙ୍କୁ ମନୋରଞ୍ଜନ ଯୋଗାଇ ଦେଇପାରିଥିବାରୁ ସେ ଖୁସି ବୋଲି ଜୋଶ୍ ପ୍ରକାଶ କରିଛନ୍ତି।

ୱାର୍ଡଲେ ଏକ ଅନ୍‌ଲାଇନ ଶବ୍ଦ ଖେଳ। ଜଣେ ଏହାକୁ ପ୍ରତିଦିନ ଖେଳିପାରିବେ। ଦିନକୁ ମାତ୍ର ଗୋଟିଏ ପଜଲ୍ ଏଥିରେ ସମାଧାନ କରିବାକୁ ରହିଛି। ଏହାର କୌଣସି ଆପ୍ଲିକେଶନ ନାହିଁ। ଗେମ୍‌ର ଅଫିସିଆଲ ୱେବ୍‌ସାଇଟ୍ ମାଧ୍ୟମରେ ଏହାକୁ ଅନ୍‌ଲାଇନ ଖେଳିହେବ। ଏହି ପଜଲରେ ୫ଟି ବର୍ଣ୍ଣର ଶବ୍ଦ ରହିଛି, ଯାହାକୁ ୬ଟି ଉଦ୍ୟମରେ ବାହାର କରିବାକୁ ହେବ। ପ୍ରତି ଉଦ୍ୟମରେ ବୈଧ ୫ ବର୍ଣ୍ଣ ବିଶିଷ୍ଟ ଶବ୍ଦ ବାହାରିବା ଆବଶ୍ୟକ। ପ୍ରତ୍ୟେକ ଥରରେ ବର୍ଣ୍ଣ ପାଇଁ ଥିବା ବକ୍ସଗୁଡ଼ିକର ରଙ୍ଗ ବଦଳିବ। ଯଦି ସେଗୁଡ଼ିକ ସବୁଜ ରଙ୍ଗ ହୋଇଯାଏ ତେବେ ଆପଣଙ୍କ ଶବ୍ଦ ଠିକ୍ ଅଛି ଏବଂ ବର୍ଣ୍ଣଗୁଡ଼ିକ ଠିକ୍ ସ୍ଥାନରେ ରହିଛି ବୋଲି ଜଣାପଡ଼ିବ। ଯଦି ତାହା ହଳଦିଆ ହୁଏ ତେବେ ବର୍ଣ୍ଣଗୁଡ଼ିକ ଠିକ୍ ଅଛି କିନ୍ତୁ ତାହା ଉପଯୁକ୍ତ ସ୍ଥାନରେ ରହିନାହିଁ ବୋଲି ଧରାଯିବ।

ଇନ୍‌ଷ୍ଟାରେ ୩୦ କୋଟି ଫଲୋଅର୍ସ

କାଏଲି ଜେନର ପ୍ରଥମ ମହିଳା

ୱାଶିଂଟନ୍, ୧୩।୧

ଆମେରିକୀୟ ମଡେଲ ତଥା କାଏଲି କସ୍‌ମେଟିକ୍ ପ୍ରତିଷ୍ଠାତା କାଏଲି ଜେନରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ତାଙ୍କ ଫଲୋଅର୍ସଙ୍କ ସଂଖ୍ୟା ୩୦୦ ମିଲିୟନ ବା ୩୦ କୋଟି ଟପିଛି। ଏତେ ସଂଖ୍ୟାରେ ପ୍ରଶଂସକ କୌଣସି ମହିଳା ସେଲିବ୍ରିଟିଙ୍କ ଫଲୋ କରିବାରେ ଜେନର ପ୍ରଥମ। ଏହି ରେକର୍ଡରେ ସେ ପପ୍ ଷ୍ଟାର ଆରିଆନା ଗ୍ରାଣ୍ଡେଙ୍କୁ ଟପିଛନ୍ତି। ପୂର୍ବରୁ ଆରିଆନାଙ୍କ ନାମରେ ଏହି ରେକର୍ଡ ରହିଥିଲା। ତେବେ ଇନ୍‌ଷ୍ଟାରେ ଅଧିକ ଫଲୋଅର୍ସ ତାଲିକାରେ ୨୪ ବର୍ଷୀୟା ଜେନର ଫୁଟ୍‌ବଲ୍ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ତଳକୁ ଦ୍ୱିତୀୟରେ ରହିଛନ୍ତି। ରୋନାଲ୍ଡୋଙ୍କ ୩୮୮ ମିଲିୟନ ଫଲୋଅର୍ସ ଅଛନ୍ତି। ଇନ୍‌ଷ୍ଟାଗ୍ରାମ୍ ଅଫିସିଆଲ ଆକାଉଣ୍ଟର ମୋଟ ଫଲୋଅର୍ସଙ୍କ ସଂଖ୍ୟା ୪୬୦ ମିଲିୟନ ବା ୪୬ କୋଟି। ରିଆଲିଟି ଟିଭି ଷ୍ଟାର ଜେନର ଓ ର‍ୟାପ୍‌ର ଟ୍ରାଭିସ୍ ସ୍କଟ୍ ସେମାନଙ୍କ ଦ୍ୱିତୀୟ ସନ୍ତାନକୁ ଅପେକ୍ଷା କରିଛନ୍ତି।

୧୧ ଲକ୍ଷ ଟପିଲା ସକ୍ରିୟ ମାମଲା

ଦିନକରେ ୨.୪୭ ଲକ୍ଷ ସଂକ୍ରମିତ

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଭାରତରେ ୨୪ ଘଣ୍ଟା ମଧ୍ୟରେ ୨,୪୭,୪୧୭ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ୨୩୬ ଦିନ ମଧ୍ୟରେ ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୩, ୬୩,୧୭,୯୨୭ ହୋଇଛି। ସେହିପରି ଗୋଟିଏ ଦିନରେ ୬୨୦ ଓମିକ୍ରନ୍ ଆକାନ୍ତ ଚିହ୍ନଟ ହୋଇଛନ୍ତି, ଯାହାକି ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ନୂଆ ଭାରିଆଣ୍ଟ ଆକ୍ରାନ୍ତଙ୍କ ସଂଖ୍ୟା ୫,୪୮୮ରେ ପହଞ୍ଚିଛି। ସେଥିରୁ ୨,୧୬୨ ଜଣ ସୁସ୍ଥ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୧,୧୭,୫୩୧ରେ ପହଞ୍ଚିଲାଣି ଯାହାକି ଗତ ୨୧୭ ଦିନ ମଧ୍ୟରେ ସର୍ବାଧିକ। ସେହିପରି ୨୪ ଘଣ୍ଟାରେ ୩୮୦ ଜଣଙ୍କ ମୃତ୍ୟୁକୁ ମିଶାଇ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୫,୦୩୫ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ଆକ୍ରାନ୍ତ ସଂଖ୍ୟାର ୩.୦୮ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ଆରୋଗ୍ୟ ହାର ୯୫.୫୯%କୁ କମିଛି। ଗତବର୍ଷ ମେ' ୨୧ରେ ଦୈନିକ ସଂକ୍ରମଣ ଥିଲା ୨,୫୭,୨୯୯। ସେହିପରି ଦୈନିକ ପଜିଟିଭିଟି ହାର ୧୩.୧୧ ପ୍ରତିଶତ ରହିଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୧୦.୮୦ ପ୍ରତିଶତ ରହିଛି।

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ କରୋନାର ତୃତୀୟ ଲହର ଆସିଛି। ମହାରାଷ୍ଟ୍ରରେ ସର୍ବାଧିକ ୧,୩୬୭ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ରାଜସ୍ଥାନରେ ୭୯୨, ଦିଲ୍ଲୀରେ ୫୪୯, କେରଳରେ ୪୮୬ ଏବଂ କର୍ନାଟକରେ ୪୭୯ ଜଣ ନୂଆ ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି।

କେରଳର କୋଚିରେ ଟିକା ନେବା ପାଇଁ ଧାଡ଼ିରେ ଲୋକେ ଛିଡ଼ା ହୋଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜାନୁୟାରୀ, ୨୦୨୨

୩ ବଖରା ଜଳିଗଲା

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଆଉଁରୀ ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ରଞ୍ଜିତ ଦଳାଇ, ନିତ୍ୟାନନ୍ଦ ଦଳାଇ ଓ ସୁରେନ୍ଦ୍ର ସେଠୀଙ୍କ ବଖରାଏ ଲେଖାଏ ଘର ଜଳିଯାଇଛି। ବିଞ୍ଝାରପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଏକ ଗାଈ ମଧ ଆଂଶିକ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ବିଦ୍ୟୁତ୍ ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସଂକ୍ଷେପରେ

ଶ୍ରୀବଳଦେବ ଜୀଉ ମନ୍ଦିର ଅଞ୍ଚଳରେ ୧୪୪ ଧାରା

କେନ୍ଦ୍ରାପଡ଼ା ଅଫିସ୍,୧୩।୧: କେନ୍ଦ୍ରାପଡ଼ା ଜିଲାରେ କୋଭିଡ୍-୧୯ ସଂକ୍ରମଣ ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ଅଞ୍ଚଳରେ ସିଆରପିସି ୧୪୪ ଧାରା ଲାଗୁ ହୋଇଛି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ବୁଧବାର ଚିଠି ନଂ. ୨୪୯ ଅନୁଯାୟୀ ମକର ସଂକ୍ରାନ୍ତିରେ ଶ୍ରୀଜୀଉଙ୍କ ମନ୍ଦିର ଅଞ୍ଚଳରେ ଭିଡ଼ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଧାରା ଲାଗୁ ହୋଇଛି। କରୋନା ସଂକ୍ରମଣ ରୋକିବାକୁ ବୁଧବାର ରାତ୍ର ୯ଟାଠାରୁ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ମନ୍ଦିର ଓ ମାଉସୀ ମା' ମନ୍ଦିରର ୫୦୦ ମିଟର ପରିସୀମାରେ ଏହି କଟକଣା ଲାଗୁ ହେବ।

ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଜଗତ୍‌ସିଂହପୁର ଅଫିସ,୧୩।୧: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଛେଳିଆଗଡ଼ାସ୍ଥିତ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ଖେଳପଡ଼ିଆରେ ଦୁଇଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଯୁବଦିବସ ଅବସରରେ ପିଟି ଉଷା କ୍ଲବ ପକ୍ଷରୁ କ୍ରୀଡ଼ା ସଙ୍ଗଠନ ପ୍ରିୟନାଥ ରାୟଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କବାଡ଼ି, ଦୌଡ଼କୁଦ, ହ୍ୟାଣ୍ଡବଲ୍, ସର୍ଟପୁଟ, ଡିସ୍‌କସ୍ ଥ୍ରୋ ଆଦି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୭ ଜଣ ଖେଳାଳି, ରେଫରି ଓ ସଙ୍ଗଠକ ଭାଗ ନେଇଥିଲେ। ପୂର୍ବତନ ରାଜ୍ୟ ମାରାଥନ୍ ବିଜୟିନୀ କସ୍ତୁରବା ଜେଠୀ ଓ ସିଦ୍ଧ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲୀପ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍ ସଭାପତି ବିପ୍ଳବ ଚୌଧୁରୀ, ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ନିଖିଲ ଗୋକୁଲ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ବାରିକ, ସମିତି ସଭ୍ୟା ମୌସୁମୀ ବାରିକ ଓ ସଙ୍ଗଠକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ବ୍ରଜ କିଶୋର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ କ୍ରୀଡ଼ା ସଙ୍ଗଠକ ପ୍ରିୟନାଥ ରାୟ ଧନ୍ୟବାଦ ଦେଇଥିଲେ।

ଅପହୃତ ଚାଳକ ଉଦ୍ଧାର: ଅଭିଯୁକ୍ତ ଗିରଫ

ପାରାଦୀପ,୧୩।୧(ସ୍ୱ.ପ୍ର.): ପାରାଦୀପ ପିପିଏଲ୍ ଟାଉନଶିପ୍‌ରୁ ଗତ ୬ ତାରିଖରେ ଅପହରଣ କରାଯାଇଥିବା ଜଣେ ଟ୍ରକ ଚାଳକଙ୍କୁ ପାରାଦୀପ ଆଦର୍ଶ ଥାନା ପୋଲିସ ବୁଧବାର ଉଦ୍ଧାର କରିଛି। ଏହି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୧୧/୨୨) ରୁଜୁ ହୋଇଛି। ଅଭିଯୁକ୍ତ ହେଲେ ତିର୍ତ୍ତୋଲ ଅଞ୍ଚଳର ମାଧବ ସ୍ୱାଇଁ। ସେ ଗତ ୬ ତାରିଖରେ ପିପିଏଲ ଟାଉନଶିପ୍‌ରେ ଥିବା ଟ୍ରକ ଚାଳକ ସୂର୍ଯ୍ୟ ପ୍ରକାଶ ଦାସଙ୍କୁ ମାଡ଼ମାରି ଅପହରଣ କରିଥିଲେ ବୋଲି ଟ୍ରକ ମାଲିକ ଭଞ୍ଜ କିଶୋର ବେହେରା ଅଭିଯୋଗ କରିଛନ୍ତି।

ଭିତରକନିକାରେ ୨୦୧୫ ବିଦେଶୀ ପକ୍ଷୀ ବଢ଼ିଲେ

୧୪୪ ପ୍ରଜାତିର ୧,୩୮,୧୦୭ ବିଦେଶୀ ପକ୍ଷୀ

ରାଜନଗର, ୧୩।୧ (ଡି.ଏନ.ଏ.)

ଚଳିତବର୍ଷ ବିଶ୍ୱର ଅନ୍ୟତମ ପକ୍ଷୀ ବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବୁଧବାର ବନ ବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାରେ ୧,୩୬,୦୯୨ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧,୩୮,୧୦୭ ପକ୍ଷୀ ଆସିଛନ୍ତି। ଅର୍ଥାତ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୨୦୧୫ ପକ୍ଷୀ ଅଧିକ ଆସିଥିବା ଜଣାପଡିଛି। ଗତବର୍ଷ ଭିତରକନିକାକୁ ୧୨୧ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୪୪ ପ୍ରଜାତିର ପକ୍ଷୀ ଆସିଛନ୍ତି। ଚଳିତବର୍ଷ ଭିତରକନିକାରେ ବିରଳ କମନସେଲ ଡକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏହି ପକ୍ଷୀ କମ ସଂଖ୍ୟାରେ ଦେଖା ଯାଇଥାନ୍ତି। ଚଳିତବର୍ଷ ଗ୍ରେବସ, ପେଲିକାନସ, କରମୋରାନ୍‌ଟସ ଆଣ୍ଡ ଡାର୍ଟରେ, ହେରନସ, ଏଗ୍ରେଟ୍ସ ଏବଂ ବିଟର୍ସ, ଷ୍ଟୋର୍କସ, ଇବିସେସ ଏବଂ ସ୍ପୁନବିଲ, ଫ୍ଲମିଙ୍ଗସ, ଗିଜ ଏବଂ ଡକସ, କ୍ରେନଓ, ରେଲସ ଏବଂ ଗାଲିନଲସ ଏବଂ କୁଟ, ଫିନଫୁଟ ଏବଂ ଜାକାନାସ, ସୋରବାର୍ଡ ୱାଡର୍ସ, ଗଲ୍‌ସ, ଟରନଓ ଏବଂ ସ୍କିନରସ ଏବଂ ଅନ୍ୟାନ୍ୟ ବିଦେଶୀ ପକ୍ଷୀ ଗଣନା ବେଳେ ଚିହ୍ନଟ କରାଯାଇଛି। ଗିଜ ଆଣ୍ଡ ଡକ୍‌ସ ଜାତୀୟ ୧୬ ପ୍ରଜାତିର ୫୯,୨୮୬ ପକ୍ଷୀ ଭିଡ ଜମାଇଛନ୍ତି। ଏହି ପକ୍ଷୀଗୁଡିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାକୁ ହିମାଳୟ ପାଦ ଦେଶ ଓ ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।

ବୁଧବାର ୧୬ଟି ଟିମ୍‌ରେ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ, ବଟିଘର, ବରୁଣେଇ ମୁହାଣ, ପ୍ରହରାଜପୁର, କଂସାରିପାଟିଆ, ଖୋଲା, ନଳିତାପାଟିଆ, ଦୁର୍ଗାପୁରମୁହାଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଚିଙ୍ଗିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ଼ ପ୍ରଭୃତି ସ୍ଥାନରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ଅଞ୍ଚଳରେ ଭିଡ଼ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ଡିଏଫ୍‌ଓ ଡ. ପତିଙ୍କ ସହିତ ସମସ୍ତ ରେଞ୍ଜ ଅଫିସର, ବନ କର୍ମଚାରୀ, ପକ୍ଷୀ ବିଶାରଦ ବିଜୟ କୁମାର ଦାଶଙ୍କ ସହିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଓଡ଼ିଶା କୃଷି ଓ ବୈଷୟିକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ସାଧାରଣତଃ ଖୋଲା ଜାଗା, ଧାନ ବିଲ, ନଦୀ ପଠା ଓ ଜଳାଶୟଗୁଡ଼ିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୪ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ଼ ଜମାଇଛନ୍ତି।

ଅପହୃତା ନାବାଳିକା କୋଣାର୍କରୁ ଉଦ୍ଧାର

ବାଲିକୁଦା,୧୩।୧(ସ୍ୱ.ପ୍ର.)

ବାଲିକୁଦା ଥାନା ଅଞ୍ଚଳରୁ ଅପହୃତା ଜଣେ ନାବାଳିକାଙ୍କୁ ଗୁରୁବାର କୋଣାର୍କ ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି। ଅଭିଯୁକ୍ତ ଜଣକ ହେଲେ ନାଉଗାଁ ଥାନା ଓଷକଣା ଗାଁର ସୂର୍ଯ୍ୟକାନ୍ତ ପଣ୍ଡା। ସେ ୪ ମାସ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ପ୍ରଥମେ ବାଲିକୁଦା ଥାନା ଓ ପରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ନାବାଳିକାଙ୍କ ବାପା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର କରି ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରନ ୨ ଫେବୃୟାରୀ ମଧ୍ୟରେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ବାଲିକୁଦା ଥାନାଧିକାରୀ ମିଶ୍ର ଏହାକୁ ଗୁରୁତ୍ୱର ସହ ନେଇଥିଲେ। ଏସ୍‌ଆଇ ବିଶ୍ୱଜିତ୍ ଗଡ଼ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ସମ୍ପୃକ୍ତା ନାବାଳିକା ଓ ଅଭିଯୁକ୍ତ କୋଣାର୍କ ଅଞ୍ଚଳରେ ଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଛି।

ରଜାଘର ସମ୍ପତ୍ତିକୁ ନେଇ ମାରପିଟ

ଚଢ଼େଇଧରା,୧୩।୧(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ରାଜପରିବାରରେ ସମ୍ପତ୍ତି ବିବାଦକୁ ନେଇ ମାରପିଟ ହୋଇଛି। ଏଥିରେ ରାଣୀ ଅପର୍ଣ୍ଣାଧୀର ସିଂ ଭରଦ୍ୱାଜ ଆହତ ହୋଇଛନ୍ତି। ରାଣୀ ଗୁରୁବାର ପ୍ରାସାଦରେ ନ ଥିବା ବେଳେ ତାଙ୍କ ସମ୍ପର୍କୀୟ ପିଉସୀ ଝିଅ ଭଉଣୀ ଜୋର ଜବରଦସ୍ତ ରାଜବାଟୀରେ ପ୍ରବେଶ କରି ସମ୍ପତ୍ତି ଭାଗ ନେବାକୁ ଜିଦ ଧରିଥିଲେ। ଖବର ପାଇ ରାଣୀ ଆସିବାରୁ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିଯୋଗୁ ରାଣୀଙ୍କ ମୁଣ୍ଡ ଓ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତାଙ୍କୁ ଗଡ଼ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏନେଇ ଜେନାପୁର ଥାନରେ ଲିଖିତ ଅଭିଯୋଗ ହୋଇଛି। ତେବେ ଅଧିକ କିଛି ଘଟିବା ଆଶଙ୍କା କରି ଘଟଣାସ୍ଥଳରେ ଚଢ଼େଇଧରା ଫାଣ୍ଡି ଅଧିକାରୀ ଅନିଲ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ରାଣୀଙ୍କ ସମ୍ପର୍କୀୟ ଭଉଣୀ ଏବେ ପ୍ରାସାଦ ମଧ୍ୟରେ ରହିଥିବା ସୂଚନା ମିଳିଛି। ଏନେଇ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏସମ୍ପର୍କରେ ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି, ଅଭିଯୋଗ ହୋଇଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ଦେଶରେ ଲୁଣା ଜଙ୍ଗଲ ବୃଦ୍ଧିରେ ଭିତରକନିକା ପ୍ରଥମ

ପ୍ରକାଶ ପାଇଲା ଭାରତ ସରକାରଙ୍କ ସର୍ଭେ ରିପୋର୍ଟ

ରାଜନଗର, ୧୩।୧ (ଡି.ଏନ.ଏ.)

ବିଶ୍ୱତାପନ ଜଳବାୟୁ ପରିବର୍ତ୍ତନ ସତ୍ତ୍ୱେ ପ୍ରକୃତିର ଅନବଦ୍ୟ ସୃଷ୍ଟି ଲୁଣା ଜଙ୍ଗଲ ଅବକ୍ଷୟର ଦ୍ୱାରଦେଶରେ ପହଞ୍ଚିଛି। ଭାରତ ସରକାରଙ୍କ ଅଧୀନରେ ଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ଲୁଣା ଜଙ୍ଗଲ ସର୍ଭେ ରିପୋର୍ଟରେ ଭିତରକନିକାରେ ଥିବା ଲୁଣା ଜଙ୍ଗଲ ବୃଦ୍ଧି ପାଇ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହାକୁ ନେଇ ପ୍ରକୃତି ପ୍ରେମୀ, ପରିବେଶବିତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବଙ୍ଗୋପସାଗର ତଟରେ ଗଢି ଉଠିଥିବା ଭିତରକନିକାର ଲୁଣା ଜଙ୍ଗଲ କ୍ରମାଗତ ଭାବେ ସାମୁଦ୍ରିକ ଝଡ ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ଆସୁଛି। ପ୍ରତିକୂଳ ପରିବେଶ ସତ୍ତ୍ୱେ ଲୁଣା ଜଙ୍ଗଲ ବୃଦ୍ଧି ଘଟି ଚାଲିଛି। ସଦ୍ୟ ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ୧୭ ବର୍ଗ କି.ମି. ଲୁଣା ଜଙ୍ଗଲ ବୃଦ୍ଧି ପାଇଥିବାବେଳେ ସେଥିମଧ୍ୟରୁ ୮ ବର୍ଗ କି.ମି. କେବଳ ଭିତରକନିକା ଜାତୀୟ ଉଦ୍ୟାନରେ ବୃଦ୍ଧି ପାଇଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ୨୦୨୧ ରିପୋର୍ଟ ଅନୁଯାୟୀ ଆନ୍ଧ୍ରପ୍ରଦେଶରେ ୨୦୧୯ ସର୍ଭେ ତୁଳନାରେ ୧ ବର୍ଗ କି.ମି., ଗୋଆରେ ୧ ବର୍ଗ କି.ମି., କର୍ଣ୍ଣାଟକରେ ୩ ବର୍ଗ କି.ମି., ମହାରାଷ୍ଟ୍ରରେ ୪ ବର୍ଗ କି.ମି., ପଶ୍ଚିମବଙ୍ଗରେ ୨ ବର୍ଗ କି.ମି. ଓ ଓଡ଼ିଶାରେ ୮ ବର୍ଗ କି.ମି. ଲୁଣା ଜଙ୍ଗଲ ବୃଦ୍ଧି ପାଇଛି। ଏହାବାଦେ ଗୁଜୁରାଟରେ ୨ ବର୍ଗ କି.ମି. ଲୁଣା ଜଙ୍ଗଲ ହ୍ରାସ ପାଇଥିବାବେଳେ କେରଳ, ତାମିଲନାଡୁ, ଆଣ୍ଡାମାନ ନିକୋବର, ଡାମନଡିଉ ଓ ପୁଡୁଚେରୀରେ ଲୁଣା ଜଙ୍ଗଲ ସ୍ଥିତି ଯାହା ଥିଲା ସମାନ ରହିଛି। ରିପୋର୍ଟ ଅନୁଯାୟୀ ଓଡ଼ିଶାର ବାଲେଶ୍ୱର ଜିଲାରେ ୦.୩୩ ବର୍ଗ କି.ମି., ଜଗତ୍‌ସିଂହପୁର ଜିଲାରେ ୦.୨୭ ବର୍ଗ କି.ମି. ଲୁଣା ଜଙ୍ଗଲ ବୃଦ୍ଧି ପାଇଛି। କେନ୍ଦ୍ରାପଡା ଅର୍ଥାତ୍ ଭିତରକନିକାରେ ୭.୭୬ ବର୍ଗ କି.ମି. ଲୁଣା ଜଙ୍ଗଲ ବୃଦ୍ଧି ପାଇଛି। ପୁରୀରେ ୦.୦୨ ପ୍ରତିଶତ ଲୁଣା ଜଙ୍ଗଲ ହ୍ରାସ ପାଇଥିବାବେଳେ ଭଦ୍ରକରେ ସ୍ଥିତି ସମାନ ରହିଛି।

ବାଇକ୍ ଆରୋହୀ ମୃତ

ପାଣିକୋଇଲି, ୧୩।୧ (ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଟୋଲପ୍ଲାଜା ପାଖ ଡାଇଭରଶନ ନିକଟରେ ଗୁରୁବାର ଦୁର୍ଘଟଣା ଘଟିଛି। କୋଲକାତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଘଟଣାସ୍ଥଳରେ ସମ୍ପୃକ୍ତ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ବାଇକ୍‌ଓ କଣ୍ଟେନରକୁ ଜବତ କରିଛି। ମୃତକ ଖୋର୍ଦ୍ଧା ଜିଲା ଚନ୍ଦକା ଅଞ୍ଚଳର ମଦନ ପଲେଇ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା ବନ୍ଦ ପ୍ରତିବାଦରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ଫଳରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।



ପାଟଣା-ଗୋବିନ୍ଦପୁର ସୀମା ଚିହ୍ନଟ ଆରମ୍ଭ

ଜେଏସ୍‌ଡବ୍ଲ୍ୟୁ ପ୍ରସଙ୍ଗ

ପ୍ରଶାସନ ସୀମା ଚିହ୍ନଟ କରିବା ପରେ ଖୁଣ୍ଟି ପୋତା ଯାଉଛି।

କୁଜଙ୍ଗ,୧୩।୧(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ପାନବରଜ ଭଙ୍ଗା ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ନୂତନ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ପାଟଣା ଓ ଗୋବିନ୍ଦପୁର ମଧ୍ୟରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଇଡ୍‌କୋ ସହକାରୀ ନିର୍ବାହୀ ଅଧିକାରୀ ଓ ୪ ଜଙ୍ଗଲ କମିଟିର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଚାଲିଛି । ପ୍ରଶାସନ ତରଫରୁ ପ୍ରାୟ ୩ କି.ମି. ଊର୍ଦ୍ଧ୍ୱ ବ୍ୟବଧାନର ସୀମା ନିର୍ଦ୍ଧାରଣ କରାଯାଇଛି। ପାଟରା ଓ ଗୋବିନ୍ଦପୁର ଗ୍ରାମର ତେନ୍ତୁଳିଆ ଜଙ୍ଗଲ କମିଟି, ମା'ମଙ୍ଗଳା ଜଙ୍ଗଲ କମିଟି, ମା' ରାମଚଣ୍ଡୀ ଜଙ୍ଗଲ କମିଟି ଓ ବାବା ଆଖଣ୍ଡଳମଣି ଜଙ୍ଗଲ କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ ଗୋବିନ୍ଦପୁର ଗ୍ରାମର ସଭାପତି ପ୍ରଫୁଲ୍ଲ ମହାନ୍ତି ଏବଂ ଅନ୍ୟ ମୁରବିମାନେ ଉପସ୍ଥିତ ଥିଲେ। ଏହି ସୀମାରେ ଖୁବ୍ ଶୀଘ୍ର ଇଡ୍‌କୋ ପକ୍ଷରୁ ପ୍ରାଚୀର କାମ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଅପରପକ୍ଷେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ଉପସ୍ଥିତିରେ ଢିଙ୍କିଆ ପାଟଣାକୁ ସଂଯୋଗ କରୁଥିବା ରାସ୍ତା ମରାମତି କରାଯାଉଛି । ଏହି ରାସ୍ତାକୁ ଢିଙ୍କିଆ ଗାଁର ପ୍ରକଳ୍ପ ବିରୋଧୀମାନେ କାଟି ଦେଇଥିଲେ।

୧୦ ଲକ୍ଷର ରାସ୍ତା ୧୦ଦିନ ଗଲାନାହିଁ

- ବ୍ୟାସନଗର ସହରରେ ମହାଦୁର୍ନୀତି
- ଯନ୍ତ୍ରୀ, ଠିକାଦାରଙ୍କ ଅସାଧୁ ମେଣ୍ଟ

ଯାଜପୁର ଅଫିସ,୧୩।୧

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଗତ ପ୍ରାୟ ୫ ବର୍ଷ ହେବ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମହାଦୁର୍ନୀତିହେଉଥିବା ଅଭିଯୋଗ ହେଉଛି। ଏହି ୫ ଦିନ ହେବ ଆରମ୍ଭ ହୋଇଥିବା ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ସାପଗଡିଆ ମୁଖ୍ୟ ରାସ୍ତାଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ୧୦ ଲକ୍ଷ ଟଙ୍କାର ନିର୍ମାଣାଧୀନ ପିଚୁ ରାସ୍ତାରେ ଏଇ ୫ଦିନ ମଧ୍ୟରେ ନିଜର ଦୁର୍ବଳତା ଲୁଚାଇବାକୁ ଯାଇ ପୁଣି ମରାମତି କରାଯାଇଛି। ବ୍ୟାପକ ପିସି କାରବାର ଓ ଏଥିରେ ବିଭାଗୀୟ ଯନ୍ତ୍ରୀଙ୍କ ସହଯୋଗ କାରଣରୁ ପତଳା ପିଚୁ ପକାଇ ସିଂହଭାଗ ଅର୍ଥ ହରିଲୁଟ କରିବାକୁ ଯୋଜନା ଚାଲିଛି। ସ୍ଥାନେ ସ୍ଥାନେ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଥିଲେ ହେଁ ସଂପୃକ୍ତ ଠିକାଦାରଙ୍କ ପାଇଁ ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ସୁରକ୍ଷା କବଚ ସାଜିଛନ୍ତି। କେବଳ ସାମାନ୍ୟ ମରାମତି କରି ଏହି ଦୁର୍ନୀତିକୁ ପରଦା ଘୋଡ଼ାଇବାକୁ ଉଦ୍ୟମ ଚାଲିଛି। ବିଡମ୍ବନା ଯେ, ଅଞ୍ଚଳବାସୀ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କେହି ଶୁଣୁ ନାହାନ୍ତି।

ସାପଗଡିଆ ମୁଖ୍ୟ ରାସ୍ତାଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଖାଲଖମାରେ ପୂର୍ଣ୍ଣ।

ଗତ ୨୦୧୬-୧୭ରୁ ଏହି ୱାର୍ଡରେ ପ୍ରାୟ ୬୦ ଲକ୍ଷ ଟଙ୍କାର ରାସ୍ତା ଓ ଡ୍ରେନ କାମ ହୋଇଛି। ଏଥିରେ ମିଶ୍ର ବାବୁ ଘରଠାରୁ ଧନଞ୍ଜୟ ସାହୁ ଘର ପର୍ଯ୍ୟନ୍ତ ରାସ୍ତାରେ ୧,୮୭,୭୪୬ ଟଙ୍କା, ରାଜୁ ବାବୁଙ୍କ ଘରଠାରୁ ସୁତାର ବାବୁ ଘର ରାସ୍ତାରେ ୨,୫୦,୦୦୦ ଟଙ୍କା, ସାପଗଡିଆ ମୁଖ୍ୟ ରାସ୍ତାଠାରୁ ମୁଖୀସାହି କଲୋନୀ ୮୭,୫୪୭ ଟଙ୍କା, ପାଦୁକା ଆଶ୍ରମ ରାସ୍ତାରେ ଡ୍ରେନ ନିର୍ମାଣରେ ୧,୫୦,୦୦୦ ଟଙ୍କା, ଗୋପାଳ ମଣ୍ଡଳ ଘର ଠାରୁ ଦେବ ଦାସ ଘର ପଯର୍ୟନ୍ତ କଂକ୍ରିଟ ରାସ୍ତା ଓ ଡ୍ରେନ ପାଇଁ ୮,୫୦,୦୦୦ ଟଙ୍କା, ଏସ୍‌ବିଆଇ ରିଜିନାଲ ଅଫିସ ନିକଟରେ କଂକ୍ରିଟ ରାସ୍ତାରେ ୧,୫୦,୦୦୦ ଟଙ୍କା, ଗାୟତ୍ରୀ ବିହାର ମୁଖ୍ୟ ରାସ୍ତା ଠାରୁ ସଞ୍ଜୀବ ବେହେରା ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ୨,୫୦,୦୦୦ ଟଙ୍କା, ଅଲେଖ ସ୍ୱାଇଁ ଘରଠାରୁ ପ୍ରେମା ଦିଦି ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣରେ ୪,୩୨,୫୬୬ ଟଙ୍କା, ଗଡମଧୁପୁରଠାରୁ ବିଶ୍ୱାଳ ବାବୁ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ୮,୬୪,୪୬୬ ଟଙ୍କା, ଗାୟତ୍ରୀ ବିହାର ମୁଖ୍ୟ ରାସ୍ତାଠାରୁ ରାଧେଶ୍ୟାମ ସ୍ୱାଇଁ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ୭,୯୭,୫୨୫ ଟଙ୍କା, ଗାୟତ୍ରୀ ବିହାର ମୁଖ୍ୟ ରାସ୍ତା ଠାରୁ ତାରାକାନ୍ତ ସାମଲ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ୫,୪୪,୦୬୪ ଟଙ୍କା ଇତ୍ୟାଦି ରାସ୍ତା କାମ ହୋଇଛି। ତେବେ ଏହି ସବୁ କାର୍ଯ୍ୟକୁ ଦେଖିଲେ ଯେ କେହି ବି କାମର ମାନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି ପାରିବେ। ଅନୁରୂପ ଭାବେ ଏବେ ନିର୍ମାଣାଧୀନ ପିଚୁ ରାସ୍ତାରେ ବ୍ୟାପକ ଅନିୟମିତତା କାମ ଚାଲିଛି। ବ୍ୟାସନଗର ପୌରପରିଷଦ ଓ ପୂର୍ତ୍ତ ବିଭାଗର ସଂପୃକ୍ତ ଯନ୍ତ୍ରୀମାନେ ମିଶି ଅସାଧୁ ଠିକାଦାରମାନଙ୍କୁ ସହଯୋଗ କରି ଆସୁଥିବାରୁ ଏବେ ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏସ୍‌ଡିଓ ପ୍ରଶାନ୍ତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ରାସ୍ତାରେ ଦୁର୍ନୀତି ହୋଇ ନାହିଁ। ନିର୍ମାଣ ଚାଲିଥିବା ସମୟରେ ବର୍ଷା ହେବାରୁ ପିଚୁ ଉଠିଯାଇଛି। ଉପଯୁକ୍ତ ଭାବେ ମରାମତି କାମ ସମ୍ପନ୍ନ ହୋଇଛି।

ଆଜିର ମନ୍ତବ୍ୟ

"ନ୍ୟାୟ ପାଇଁ ସଂଗ୍ରାମ କରିଥିବା ବ୍ୟକ୍ତିମାନେ ନିର୍ବାଚନୀ ରାଜନୀତିକୁ ଆସିବା ଉଚିତ।
– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:......................................
ଜନ୍ମ ତାରିଖ: ....

ପ୍ରମୋଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଠିଆ ମୁହଁରେ ଚମ;
ଘରେ ଓପାସ, ବାହାରେ ଢମ
ବାଜୁଥାଏ ଢମ ଢମ!**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡିମା ଦେଖେଇ ହେବାରେ କାଣିଚାଏ ହେଳା କରି ନ ଥାନ୍ତି। ବେଶ ପରିପାଟୀ ହୋଇ ଚିକ୍କଣିଆ କଥା କହି ନିଜର ବଡ଼ଲୋକୀ ବା ବଡ଼ପଣିଆ ଜାହିର କରିଥାନ୍ତି। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁହଁ କରିଥାଏ ବମି,
ଆଇଁଷ ପାଣିରୁ ଟୋପାଏ
ପାଇଲେ,
ଭାତ ଦଉଥାଏ ଗେମି।**

କିଛି ବ୍ୟକ୍ତି ଅତ୍ୟନ୍ତ ଆମିଷ ଲୋଭୀ ହୋଇଥାନ୍ତି। ଖାଇବାବେଳେ ଆମିଷ ଟିକେ ପାଟିରେ ନ ବାଜିଲେ, ତାଙ୍କୁ ଖାଦ୍ୟ ଆଦୌ ରୁଚି ନ ଥାଏ। ଆଇଁଷ ରଙ୍କୁଣା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

କଳାପଥର ଲୁଟ୍ ମାମଲା: ଫେବୃୟାରୀ ୨୫କୁ ଶୁଣାଣି ଘୁଞ୍ଚିଲା

ଯାଜପୁର ଅଫିସ/ଧର୍ମଶାଳା,୧୩।୧(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ପାହାଡ଼ରୁ କଳାପଥର ଲୁଟ୍ ଓ ଜାଲିଆତି ମାମଲାରେ ଗୁରୁବାର ଲୋକାୟୁକ୍ତଙ୍କ ପକ୍ଷରୁ ଶୁଣାଣି ହୋଇ ପାରିନାହିଁ। ପୂର୍ବତନ ତହସିଲଦାର, ଜିଲାପାଳ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ସତ୍ୟପାଠ ଦାଖଲ କରିଥିବାବେଳେ ପରବର୍ତ୍ତୀ ଶୁଣାଣିକୁ ଫେବୃୟାରୀ ୨୫କୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପକ୍ଷେ ଭୂତତ୍ତ୍ୱବିତ୍‌ଙ୍କୁ ନୋଟିସ ଜାରି କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଅନୁପସ୍ଥିତ ରହିବାରୁ ଏଭଳିପରିସ୍ଥିତିସୃଷ୍ଟିହୋଇଛି। ଲୋକାୟୁକ୍ତ ନିର୍ଦ୍ଦେଶକଙ୍କ ତଦନ୍ତ ରିପୋର୍ଟଆଧାରରେ ଲିଜ୍‌ଖାଦାନ ଏରିଆଠାରୁ ୭ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ କଳାପଥର ଲୁଟ୍ ଅଭିଯୋଗ ଉପରେ ଲୋକାୟୁକ୍ତଙ୍କ ପକ୍ଷରୁ ଶୁଣାଣି କରିବାକୁ ତାରିଖ ଧାର୍ଯ୍ୟ ହୋଇଥିଲା। ଲୋକାୟୁକ୍ତରେ ଅଭିଯୋଗକାରୀ ସର୍ବେଶ୍ୱର ବେହୁରାଙ୍କ ସହ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ସହଦେବ ସାହୁ ଓ ଲିଜ୍‌ଧାରୀ ତ୍ରିନାଥ ଜେନା ଉପସ୍ଥିତ ଥିଲେ। ଅନ୍ୟ ଅଭିଯୁକ୍ତଙ୍କ ଓକିଲ ସତ୍ୟପାଠ ଦାଖଲ କରିଥିଲେ।

ପ୍ରଥମ ପୃଷ୍ଠାରୁ...

କଣ୍ଟେନ୍‌ମେଣ୍ଟକୁ ଗୁରୁତ୍ୱ...

ବହୁ ଦେଶରେ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଛି। ସେଥିପାଇଁ ଆମକୁ ସତର୍କ ରହିବାକୁ ହେବ, ତେବେ ଭୟ କରିବା ଆବଶ୍ୟକ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଭାରିଆଣ୍ଟ ବିରୋଧରେ ଆମେ ଲଢ଼େଇ କରିବା ସହ ପରବର୍ତ୍ତୀ ଷ୍ଟ୍ରେନ୍ ପାଇଁ ମଧ୍ୟ ଆମକୁ ପ୍ରସ୍ତୁତ ରହିବାକୁ ହେବ। କୋଭିଡ୍ ବିରୋଧରେ ସବୁଠୁ ବଡ଼ ଅସ୍ତ୍ର ହେଉଛି ଟିକାକରଣ। ବର୍ତ୍ତମାନ ସୁଦ୍ଧା ଦେଶର ସାବାଳକ ଜନସଂଖ୍ୟାର ୯୨ ପ୍ରତିଶତ କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇସାରିଲେଣି। ସେହିପରି ପ୍ରାୟ ୭୦ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇସାରିଲେଣି। ଟିକାକୁ ନେଇ ଗୁଜବ ପ୍ରଚାର ହେଉଥିବାରୁ କେତେକ ଲୋକ ଭାକ୍ସିନ ନେବା ଲାଗି କୁଣ୍ଠାବୋଧ କରୁଛନ୍ତି। ଏଭଳି ଗୁଜବକୁ ପ୍ରତିହତ କରାଯିବା ଆବଶ୍ୟକ। ମହାମାରୀ ମୁକାବିଲାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକ ସକ୍ରିୟ ଭାବେ ସମ୍ମିଳିତ ଉଦ୍ୟମ ଜାରି ରଖିବାକୁ ହେବ। ହର୍ ଘର ଦସ୍ତକ ଅଭିଯାନ ଜରିଆରେ ଲୋକଙ୍କ ଘରକୁ ଘର ଯାଇ ଟିକାକରଣକୁ ୧୦୦ ପ୍ରତିଶତ ସଫଳ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇତିମଧ୍ୟରେ କିଶୋରୀକିଶୋରମାନଙ୍କ ଲାଗି ଟିକାକରଣ ଆରମ୍ଭ ହୋଇଛି ଓ ୧୦ ଦିନ ମଧ୍ୟରେ ପାଖାପାଖି ୩ କୋଟି ପିଲା ଟିକା ନେଇସାରିଲେଣି। ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧାମାନଙ୍କୁ ପ୍ରିକଶନ ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ଭାରତରେ ପ୍ରସ୍ତୁତ ଟିକା ସାରା ବିଶ୍ୱରେ ଶ୍ରେଷ୍ଠତା ପ୍ରମାଣିତ କରିଛି ବୋଲି ମୋଦି କହିଥିଲେ।

ଗୁରୁବାର ଗୋଟିଏ ଦିନରେ ପାଖାପାଖି ୨.୫ ଲକ୍ଷ କୋଭିଡ୍ ସଂକ୍ରମିତ ହୋଇଛନ୍ତି। ଦୁଇବର୍ଷ ହେଲା କୋଭିଡ୍ ବିରୋଧରେ ଆମେ ଲଢ଼େଇ ଜାରି ରଖିବା ସହ ଏଥିରୁ ଅଭିଜ୍ଞତା ହାସଲ କରିଛୁ ବୋଲି ମୋଦି ମୁଖ୍ୟମନ୍ତ୍ରୀମାନଙ୍କୁ କହିଛନ୍ତି। ତେଣୁ ସାଧାରଣ ଲୋକଙ୍କ ଜୀବିକା ଏବଂ ଆର୍ଥିକ କାରବାର ଯେପରି ସବୁଠୁ କମ୍ ପ୍ରଭାବିତ ହୁଏ, ତାହା ସୁନିଶ୍ଚିତ କରିବା ଜରୁରୀ। ଅଧିକାଂଶ କୋଭିଡ୍ ଆକ୍ରାନ୍ତ ଘରେ ଆଇସୋଲେଶନ ବା ଏକାନ୍ତ ବାସରେ ରହି ଚିକିତ୍ସିତ ହୋଇପାରିବେ। ସେମାନେ ହୋମ୍ ଆଇସୋଲେଶନ ଗାଇଡ୍‌ଲାଇନ ଅନୁପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଓମିକ୍ରନ୍‌କୁ ନେଇ ପ୍ରଥମେ କେତେକ ସନ୍ଦେହ ରହିଥିଲା। ତାହା ଧୀରେ ଧୀରେ ଦୂର ହେବାରେ ଲାଗିଛି। ଡେଲ୍ଟା ତୁଳନାରେ ଏହା କେଇ ଗୁଣ ଅଧିକ ବେଗରେ ଲୋକଙ୍କୁ ସଂକ୍ରମିତ କରୁଛି। ସେଥିପାଇଁ ଭୟ ନୁହେଁ ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୧୦ ହଜାର ଟପିଲା...

ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୮ହଜାର ୪୭୨କୁ ବୃଦ୍ଧି ପାଇଛି। ଅପରପକ୍ଷେ ଜାନୁୟାରୀ ଶେଷ ସୁଦ୍ଧା ରାଜ୍ୟରେ କରୋନା ସଂକ୍ରମଣ ଶୀର୍ଷ (ପିକ୍)ରେ ରହିବ। ଶୀର୍ଷ ସମୟରେ ଦୈନିକ ୩୦ହଜାରରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ ମହାପାତ୍ର ଆକଳନ କରିଛନ୍ତି। ସେ କହିଛନ୍ତି, କରୋନା ସଂକ୍ରମଣ ପିକ୍ ସମୟରେ ଦୈନିକ ୩୦ରୁ ୪୦ଜଣଙ୍କର ମୃତ୍ୟୁ ହେବା ନେଇ ଆଶଙ୍କା କରାଯାଉଛି। ଏପରି କି ୬ମାସ ତଳେ ଟିକା ନେଇଥିଲେ ବି ଏହା କାମ କରିବ ନାହିଁ। ତେଣୁ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଛି। ସେହିପରି ଡେଲ୍‌ଟାଠାରୁ ଓମିକ୍ରନ ୪ଗୁଣ ଅଧିକ ସଂକ୍ରମିତ କରୁଥିବା ଡା. ମହାପାତ୍ର କହିଛନ୍ତି। ଗତ ୨୪ ଘଣ୍ଟାରେ ପଜିଟିଭ୍‌ଙ୍କ ମଧ୍ୟରୁ ୫ହଜାର ୮୩୩ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୪ହଜାର ୨୨୬ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩ହଜାର ୧୮୮ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧୩୪୮, କଟକରୁ ୮୭୦, ସମ୍ବଲପୁରରୁ ୫୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୪୨୩, ଗଞ୍ଜାମରୁ ୧୫୪, ଜଗତ୍‌ସିଂହପୁରରୁ ୧୪୨, ଯାଜପୁରରୁ ୨୧୨, ଝାରସୁଗୁଡ଼ାରୁ ୧୨୯, କଳାହାଣ୍ଡିରୁ ୧୨୩, କେନ୍ଦୁଝରରୁ ୧୦୯, କୋରାପୁଟରୁ ୧୫୫, ନବରଙ୍ଗପୁରରୁ ୧୨୨, ନୟାଗଡ଼ରୁ ୧୦୨, ପୁରୀରୁ ୨୭୨, ରାୟଗଡ଼ାରୁ ୧୩୧, ସୋନପୁରରୁ ୧୦୬, ବାଲେଶ୍ୱରରୁ ୨୭୮, ଭଦ୍ରକରୁ ୧୩୮, ବଲାଙ୍ଗୀରରୁ ୨୧୬, ଅନୁଗୋଳରୁ ୪୬, ବରଗଡ଼ରୁ ୭୬, ବୌଦ୍ଧରୁ ୧୫, ଦେଓଗଡ଼ରୁ ୧୮, ଢେଙ୍କାନାଳରୁ ୫୦, ଗଜପତିରୁ ୮୨, କନ୍ଧମାଳରୁ ୩୬, କେନ୍ଦ୍ରାପଡ଼ାରୁ ୫୧, ମାଲ୍‌କାନଗିରିରୁ ୧୭, ନୂଆପଡ଼ାରୁ ୬୬ ଏବଂ ଷ୍ଟେଟ୍‌ପୁଲ୍‌ରୁ ୭୨୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୧ଲକ୍ଷ ୧ହଜାର ୬୦୬ରେ ପହଞ୍ଚିଛି। ତେବେ ସେମାନଙ୍କ ମଧ୍ୟରୁ ୧୦ଲକ୍ଷ ୪୮ହଜାର ୭୩୨ଜଣ ସୁସ୍ଥ ହୋଇ ସାରିଥିବାବେଳେ ୪୪ହଜାର ୩୪୯ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି ବୋଲି ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

'ସଂକ୍ରମଣ ବଢ଼ିଲେ ବି ହସ୍ପିଟାଲ ଯିବା ସଂଖ୍ୟା କମ୍'

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ରହିଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେବେ ଖୁବ୍ କମ୍ ଦିନରେ ଆମେ ଦ୍ୱିତୀୟ ଲହରର ଶୀର୍ଷକୁ ଅତିକ୍ରମ କରିଯାଇପାରୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଗୋଟିଏ ମହାମାରୀରେ ପ୍ରଥମେ ସଂକ୍ରମଣ ବଢ଼ିବ, ତା'ପରେ କିଛିଦିନ ସମାନ୍ତରାଳରେ ରହିବ ଓ ପରେ କମିବ। ଏବେ ଦେଶରେ କରୋନା ସଂକ୍ରମଣ ବଢୁଛି ତେଣୁ ଆମ ରାଜ୍ୟରେ ମଧ୍ୟ ତାହା ବଢିବାରେ ଲାଗିଛି। ତେବେ ସଂକ୍ରମଣ ବଢିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆକ୍ରାନ୍ତଙ୍କ ଯିବା ସଂଖ୍ୟା ବହୁତ କମ୍ ରହିଛି। ହସ୍ପିଟାଲର ଶଯ୍ୟା ସଂଖ୍ୟା ସ୍ଥିତି ଅନୁଯାୟୀ, ସାଧାରଣ ଶଯ୍ୟା ୬.୫୧ ପ୍ରତିଶତ, ଆଇସିୟୁରେ ୧୨.୫୧ ପ୍ରତିଶତ, କ୍ରିଟିକାଲ କେୟାରରେ ୩.୬୨ ପ୍ରତିଶତ ରୋଗୀ ରହିଛନ୍ତି। ବର୍ତ୍ତମାନ ମୁଖ୍ୟତଃ ୫ଟି ଦିଗ ଉପରେ ନଜର ରଖାଯାଇଛି। ଟେଷ୍ଟ ପଜିଟିଭ୍ ହାର, ଡାକ୍ତରଖାନାକୁ ଆକ୍ରାନ୍ତଙ୍କ ଯିବା ସଂଖ୍ୟା, ମୃତ୍ୟୁହାର, ଲୋକଙ୍କ ବ୍ୟବହାର ଦେଖିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କେବଳ ଓଡ଼ିଶାରେ ନୁହେଁ ଭାରତରେ ମଧ୍ୟ ଡାକ୍ତରଖାନାକୁ ଆକ୍ରାନ୍ତଙ୍କ ଯିବା ସଂଖ୍ୟା କମ୍ ରହିଛି। ଦ୍ୱିତୀୟ ଲହର ତୁଳନାରେ ଡାକ୍ତରଖାନାକୁ ଆକ୍ରାନ୍ତଙ୍କ ଯିବା ସଂଖ୍ୟା ଏବେ ବହୁତ କମ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଭିତ୍ତିଭୂମି ବଢାଇବା ଜାରି ରଖିବା ସହ ଔଷଧ, ଅକ୍ସିଜେନ ଓ ଶଯ୍ୟା ପ୍ରସ୍ତୁତ କରି ରଖାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମହାପାତ୍ର ସୂଚନା ଦେଇଛନ୍ତି।

ନୀଳଗିରି ବିଧାୟକ...

୨୦୨୦ ଜୁଲାଇରେ ପ୍ରଥମଥର ପାଇଁ ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ। ଦ୍ୱିତୀୟଥର ପାଇଁ ସେ ସେପ୍ଟେମ୍ବରରେ ସଂକ୍ରମିତ ହୋଇ ଆରୋଗ୍ୟ ଲାଭ କରିଥିଲେ। ଏବେ ବିଧାୟକ ନିଜ କାର୍ଯ୍ୟାଳୟରେ ଗୃହ ସଙ୍ଗରୋଧ ରହିଛନ୍ତି। ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ନିଜର କୋଭିଡ ଟେଷ୍ଟ କରାଇନେବା ପାଇଁ ସେ ନିବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରାୟ ୫୦ ଜଣ ବିଧାୟକ, ୬ଜଣ ଏମ୍‌ପି ଏବଂ ୧୧ଜଣ ମନ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି।

ପଞ୍ଚାୟତ ନିର୍ବାଚନ...

ପ୍ରକାଶ ପାଇଛି। ଜାନୁୟାରୀ ୧୭ରୁ ୨୧ ଯାଏ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ଚାଲିବ। ଜାନୁୟାରୀ ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୨୫ରେ ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ପ୍ରାର୍ଥୀମାନେ ଏଥର ନାମାଙ୍କନ ବେଳେ ସେମାନଙ୍କର ସମ୍ପତ୍ତି ବିବରଣୀ, ଶିକ୍ଷାଗତ ଯୋଗ୍ୟତା ଏବଂ ଆପରାଧିକ ପୃଷ୍ଠଭୂମି ବିଷୟରେ ସତ୍ୟପାଠ ଦାଖଲ କରିବେ। ଭୁଲ୍ ସତ୍ୟପାଠ ଦେଲେ ଆଇନ ଅନୁଯାୟୀ ଦଣ୍ଡର ବ୍ୟବସ୍ଥା ରହିଛି। ଜିଲା ପରିଷଦ ପ୍ରାର୍ଥୀମାନଙ୍କ ସତ୍ୟପାଠ ଜିଲା ପ୍ରଶାସନ ୱେବ୍‌ସାଇଟରେ ପ୍ରକାଶିତ ହେବ। ଅନ୍ୟ ପ୍ରାର୍ଥୀମାନଙ୍କ ସତ୍ୟପାଠ ନିର୍ବାଚନ ଅଧିକାରୀଙ୍କ ନୋଟିସ ବୋର୍ଡରେ ପ୍ରଦର୍ଶିତ ହେବ। ପ୍ରଥମଥର ଲାଗି ଭୋଟ୍ ଗଣତି ବ୍ଲକ କାର୍ଯ୍ୟାଳୟରେ ହେବ। ସମସ୍ତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଫେବୃୟାରୀ ୨୬ରୁ ୨୮ ପର୍ଯ୍ୟନ୍ତ ଭୋଟ୍ ଗଣତି କରାଯିବ।

ବିକାନେର ଏକ୍ସପ୍ରେସ୍‌ର...

୪୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଜଲପାଇଗୁଡ଼ି ଜିଲା ହସ୍ପିଟାଲ ଏବଂ ଅନ୍ୟ ୧୬ ଜଣଙ୍କୁ ମୈନଗୁଡ଼ି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଥିବା ୧୦ ଜଣଙ୍କୁ ସିଲିଗୁଡ଼ିସ୍ଥିତ ନର୍ଥ ବେଙ୍ଗଲ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ରେଲୱେ ପୋଲିସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଥିରେ ସ୍ଥାନୀୟ ଲୋକେ ଓ ପୋଲିସ ସହାୟତା କରୁଛି। ଲାଇନଚ୍ୟୁତ ବଗି ଗୋଟିଏ ଉପରେ ଗୋଟିଏ ପଡ଼ିରହିଥିବା ଦେଖିବାକୁ ମିଳିଛି। ଭାଙ୍ଗିରୁଜି ଯାଇଥିବା ବଗିଗୁଡ଼ିକରେ ଅନେକ ଯାତ୍ରୀ ଫସି ରହିଛନ୍ତି। ଆହତମାନଙ୍କୁ ହସ୍ପିଟାଲ ନେବା ଲାଗି ୨୦ଟି ଆମ୍ବୁଲାନ୍ସକୁ ନିୟୋଜିତ କରାଯାଇଛି। ଉତ୍ତର ପଶ୍ଚିମବଙ୍ଗର ସମସ୍ତ ହସ୍ପିଟାଲ୍‌କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଇଷ୍ଟର୍ନ ରେଲୱେ ପକ୍ଷରୁ ଜରୁରୀ ନମ୍ବର ୮୧୩୪୦୫୪୯୯୯ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଟ୍ରେନ୍‌ଟି ବୁଧବାର ବିକାନେର ଜଙ୍କ୍‌ଶନ ଛାଡ଼ିଥିଲା ଏବଂ ଆଉ କିଛି ସମୟ ପରେ ଏହା ଗୁଆହାଟୀରେ ପହଞ୍ଚିଥାନ୍ତା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜିର ରୋହିଣୀବୃଷ ଯୋଗ ନୂତନ ବନ୍ଧୁତ୍ୱସୂତ୍ରରେ ବାନ୍ଧିଦେଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରି ଖୁସି ହେବେ। ଅର୍ଥସଂକଟ ସଙ୍ଗକୁ ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କୃତ୍ତିକା ନକ୍ଷତ୍ର ପୂର୍ବ ଯୋଜନା ଅନୁଯାୟୀ କର୍ମ କରି ଚାଲନ୍ତୁ ଓ ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଉପକୃତ ହେବେ।

ବୃଷ
ଆପଣଙ୍କ କଥା ବନ୍ଧୁ ମନରେ ଦୁଃଖ ଦେଇପାରେ। ସମୟାନ୍ତରରେ ପୂରା ସହାନୁଭୂତି ଲାଭ କରିବେ ଓ ସମସ୍ୟାର ସମାଧାନ ହୋଇଯିବ। ଅଭାବ ପୂରଣ ଦିଗରେ ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବା ଫଳରେ ସ୍ଥଗିତ କାମ ତ୍ୱରାନ୍ୱିତ ହେବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

ମିଥୁନ
ବନ୍ଧୁ ସମ୍ପର୍କ, ଜମିଜମା କାରବାରରେ ଅଗ୍ରଗତି ଘଟିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

କର୍କଟ
ପାରିବାରିକ ସ୍ଥିରତା, ଅର୍ଥାଭାବ ଦୂରେଇ ଯିବ, କାର୍ଯ୍ୟସିଦ୍ଧି ହେତୁ ଅପରାହ୍ନଟି ଖୁସିରେ କଟାଇବେ। କିନ୍ତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ, ବ୍ୟବସାୟ ଏପରି କି ଯୋଗାଣ କାରବାରରେ ଉନ୍ନତି କରିବେ। ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

ସିଂହ
ଅନ୍ତର୍ଦ୍ୱନ୍ଦ୍ୱ ମନକୁ ଅସ୍ଥିର ରଖିଲେ ମଧ୍ୟ ବନ୍ଧୁ ଗହଣରେ ତାହା ସାମୟିକ ପାସୋରି ଦେଇପାରନ୍ତି। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାମୟିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିବ। ରାଜନୀତି, ସଂଗଠନ, ପ୍ରଶାସନିକ କ୍ଷେତ୍ର, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

କନ୍ୟା
ସାମାଜିକ ସ୍ତରରେ ସୁସମ୍ପର୍କ ଓ ସମ୍ମାନ, ପ୍ରଶଂସା ପାଇ ମନ ଖୁସି ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ, ବ୍ୟବସାୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

ତୁଳା
ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସମସ୍ୟା ବୃଦ୍ଧି ପାଇବ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳେଇବେ ଓ ବନ୍ଧୁ ମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବାର ଆଶଙ୍କା ରହିଛି।

ବିଛା
ମାନସିକ ଅସ୍ଥିରତା ମଧ୍ୟରେ ଆଜିର ଦିନଟି ଅତିବାହିତ ହେବ। ଭ୍ରମଣଜନିତ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆଜି ବେଶି ସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ସଭାସମିତି, ମନୋରଞ୍ଜନ କାର୍ଯ୍ୟକ୍ରମ, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

ଧନୁ
ସକାଳୁ କୌଣସି କର୍ମାରମ୍ଭରେ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସହଜେ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ। ହଠାତ୍ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ଲେଖାପଢ଼ା ତଥା ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

ମକର
ଅର୍ଥ ସମ୍ବନ୍ଧୀୟ ସମସ୍ୟା ମଧ୍ୟରେ ଗତି କରିବା କାରଣରୁ ମନ ଅସ୍ଥିର ରହିବ। ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନରେ ସଫଳ ହେବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ବୁଝାମଣାର ଅଭାବ ଦେଖାଦେଇପାରେ।

କୁମ୍ଭ
ଆଜି ଆପଣଙ୍କୁ ଦୂରଯାତ୍ରା, ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରାଇବ। ମାନସିକ ଅସ୍ଥିରତା ହେତୁ ପାରିବାରିକ ଶାନ୍ତି ମିଳିପାରିବ ନାହିଁ। ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି।

ମୀନ
ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ, ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ମଦ ପିଇବାକୁ ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା

ପାଟଣା,୧୩।୧(ସ୍ୱ. ପ୍ର.): ମଦ ପିଇବାକୁ ଟଙ୍କା ନ ଦେବାରୁ ଜଣେ ନାବାଳକ ତାଙ୍କ ବାପାଙ୍କୁ ପାଣି ପାଇପ୍‌ରେ ପିଟି ହତ୍ୟା କରିବା କେନ୍ଦୁଝର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଅନ୍ତର୍ଗତ ଅଙ୍ଗିକଳା ଗାଁର ବେଣ୍ଟକାର ସାହିରେ ଗୁରୁବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ସୀତାରାମ ବେଣ୍ଟକାର। ହତ୍ୟାକାଣ୍ଡ ପରେ ନାବାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

classifieds

Everyday 0674-2580101, 2549302

Plot for sale at Chhatabar per sq.ft @99/-. 8249017091, 9937816565. D-22771

Ready to move flat 3 BHK 58 lakh and 2 BHK 48 lakh available near V2 Showroom, Patrapada, Bhubaneswar. 9861037729/ 9040337729. D-71468

Ready to move 3 BHK flat at Khandagiri & 2/3 BHK flat at Sundarpada. Contact for booking 9938569014 & 9861433014. D-22840

NH ପାଖରେ 3 Acre Plot ବିକ୍ରି ହେବ। Contact: 7205380682. D-70259

Amri Hospital ପାଖରେ 45 Gunth Plot ବିକ୍ରି ହେବ। Contact: 7327807573. D-70260

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 17,00,000/-, Chhatabar bypass road side- 15,00,000/-. 8260032051. D-71778

2000sqft. Mancheswar Mouza gharabari road side plot yellowzone Rate- sqft.- 1500 (negotiable). Contact: 8249441576. D-22808

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027, 7848882166. D-71767

ଘରବାରି yellowzone plot କଳାରାହାଙ୍ଗ ମୌଜାରେ 30ft. road ସହିତ sqft.- 2600/- ମିଳୁଛି। 9692213354. D-71747

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452. D-71749

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952. D-71772

ବରଗଡ଼ ବ୍ରିଟ୍ କଲୋନୀରେ ଏକ simplex ଘର ବିକ୍ରିହେବ। ଯୋଗାଯୋଗ- 9692213354. D-71746

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

20Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759. D-71768

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି। 8249243709, 7894433357. D-71756

ନନ୍ଦନକାନନରୁ 1K.M. ଦୂର Patia road ବାରଙ୍ଗ ମୌଜାରେ sqft.- 2250/- yellowzone plot 30ft. road ସହିତ ମିଳୁଛି। 9692213354. D-71748

PURCHASE

Required 1/2/3/4 BHK flat, duplex bungalow farmhouse, corehouse immediately, Bhubaneswar 6371090682. D-68287

Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757

MPlanets- 7008550473. Expert in Building Construction @250 and Interior Design (Modular Kitchen/ TV-unit/ Wardrobe) @250. D-22834

Ashirvaad Saloon and SPA get good massage for your health tha best therapy. 7077181074. D-71843

Newly open herbal full body massage center (expert therapist). 8280782273. D-71466

Newly opening SPA positively health benefits with expert therapist. 8917332216. D-71928

Full body massage in homely atmosphere all therapy. Contact: 8114881641. D-60894

Newly open full body massage ladies and gents. 8327740003, 8455985899. D-71845

One hour any therapy by expert therapist @999 only. 9078484455. D-71465

Newly Open Saikrupa Panchakarma Spa positively health benefits with expert. 8984068077. D-22723

Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-22809

AFFIDAVIT

I, Jyotirekha spouse of No. 14835318N, Hav Hari Shankar Bindhani, resident of At- Bhalukaposhi, P.O.- Chhatrapur, Dist.- Balasore, State- Odisha, Pin-756058 have changed my name from Jyotirekha to Jyotirekha Bindhani vide Affidavit dated 12.01.2022 before Notary Public, Balasore, Odisha. D-22838

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୩୧,୮୧,୦୫,୮୨୪	୫୫,୩୩,୬୬୫	୨୬,୩୨,୨୨,୬୮୭
ଭାରତ	୩,୬୩,୧୭,୯୨୭	୪,୮୫,୦୩୫	୩,୪୭,୧୫,୩୬୧
ଓଡ଼ିଶା	୧୧,୦୧,୬୦୬	୮୪୭୨(+୫୩)	୧୦,୫୦,୧୭୯

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଭାଜପା ଛାଡୁଛନ୍ତି ମନ୍ତ୍ରୀ, ବିଧାୟକ

ଯୋଗୀଙ୍କୁ ଲଗାତର ଝଟକା

ୟୁପି ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପର୍ଯ୍ୟନ୍ତ ସବୁ ଠିକ୍ ଥିବା ମନେହେଉଥିଲା। କିନ୍ତୁ ଘୋଷଣା ପରେ ଭାଜପା ଛାଡୁଥିବା ନେତାଙ୍କ ତାଲିକା ଲମ୍ବିବାରେ ଲାଗିଛି। ମଙ୍ଗଳବାରଠାରୁ ଗୁରୁବାର ୩ ଦିନ ଭିତରେ ୩ ମନ୍ତ୍ରୀ ଓ ୧୧ ବିଧାୟକ ଇସ୍ତଫା ଦେଲେଣି। ଏହି ତାଲିକା ଆଗକୁ ଆହୁରି ଲମ୍ବିଚାଲିଥିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଇସ୍ତଫା ଦେଲେଣି

୧. ସ୍ୱାମୀ ପ୍ରସାଦ ମୌର୍ଯ୍ୟ
୨. ଭଗବତୀ ସାଗର
୩. ରୋଶନଲାଲ ବର୍ମା
୪. ବିନୟ ଶାକ୍ୟ
୫. ଅବତାର ସିଂ ଭଡ଼ାନା
୬. ଦାରା ସିଂ ଚୌହାନ
୭. ବ୍ରଜେଶ ପ୍ରଜାପତି
୮. ମୁକେଶ ବର୍ମା
୯. ରାକେଶ ରାଠୋର
୧୦. ଜୟ ଚୌବେ
୧୧. ମାଧୁରୀ ବର୍ମା
୧୨. ଆର୍.କେ. ଶର୍ମା
୧୩. ବାଲା ଅୱସ୍ଥି
୧୪. ଧରମ ସିଂ ସୈନି

ଲକ୍ଷ୍ନୌ,୧୩।୧

ନିର୍ବାଚନମୁହାଁ ଉତ୍ତର ପ୍ରଦେଶରେ ଦିନକୁ ଦିନ ଭାଜପା ଛାଡ଼ିବାରେ ଲାଗିଛନ୍ତି ମନ୍ତ୍ରୀ ଓ ବିଧାୟକ। ଏହି କ୍ରମରେ ଗୁରୁବାର ଆଉ ଜଣେ ଓବିସି ନେତା ଦଳ ଛାଡ଼ିଛନ୍ତି। ଆୟୁଷ ଡାକ୍ତର ଧରମ ସିଂ ସୈନି ହେଉଛନ୍ତି ୩ ଦିନ ଭିତରେ ଭାଜପା ଛାଡ଼ିବାରେ ଅଷ୍ଟମ ବରିଷ୍ଠ ନେତା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କ୍ୟାବିନେଟରୁ ମନ୍ତ୍ରୀ ଧରମ ସିଂ ସାଇନି ଇସ୍ତଫା ଦେଇଛନ୍ତି। ପୂର୍ବରୁ ସେ ଭାଜପା ଛାଡ଼ିବେ ନାହିଁ ବୋଲି କହିଥିଲେ। କିନ୍ତୁ ୨୪ ଘଣ୍ଟା ଭିତରେ ୟୁ-ଟର୍ନ କରି ସେ ଏହି ପଦକ୍ଷେପ ନେଇଛନ୍ତି। ସୈନି ଓ ପୂର୍ବରୁ ଭାଜପା ତ୍ୟାଗ କରିଥିବା ମନ୍ତ୍ରୀ, ବିଧାୟକମାନେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି)ରେ ସାମିଲ ହେବାକୁ ଯାଉଛନ୍ତି। ଇସ୍ତଫା ପରେ ସୈନି ଅଖିଳେଶଙ୍କୁ ସାକ୍ଷାତ୍ କରିଛନ୍ତି। ସେ ୨୦୧୬ରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ରୁ ଭାଜପାକୁ ଡେଇଁଥିଲେ। ଶାହରନପୁରସ୍ଥିତ ନକୁଡ଼ ଆସନରୁ ୪ ଥର ବିଧାୟକ ହୋଇଥିବା ଓବିସି ନେତା ସୈନିଙ୍କୁ ଦଳ ନ ଛାଡ଼ିବା ପାଇଁ ନିକଟରେ ଯୋଗୀ ନିଜେ ଫୋନ୍ କରି ବୁଝାଇଥିଲେ। କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ କଥା ଶୁଣି ନ ଥିଲେ। ଏହା ପୂର୍ବରୁ ଓବିସି ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଏବଂ ଦାରା ସିଂ ଚୌହାନ ମଧ୍ୟ ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇସାରିଛନ୍ତି। ଏହି ଦଳବଦଳ ସମାଜବାଦୀ ପାର୍ଟିକୁ ନିର୍ବାଚନରେ ପଛୁଆ ବର୍ଗ ଭୋଟବ୍ୟାଙ୍କ ମଜଭୁତ୍ କରିବାରେ ସହାୟକ ହେବ ବୋଲି କୁହାଯାଉଛି। ଭାଜପା ଛାଡ଼ିବା ପରେ ସୈନି କହିଛନ୍ତି, ତାଙ୍କୁ ମିଶାଇ ୩ ମନ୍ତ୍ରୀ ଓ ୧୧ ବିଧାୟକ ଇସ୍ତଫା ଦେଲେଣି। ଶୁକ୍ରବାର ଆଉ ଜଣେ ମନ୍ତ୍ରୀ ଯୋଗୀଙ୍କ କ୍ୟାବିନେଟରୁ ଇସ୍ତଫା ଦେବେ। କିଏ କେବେ ଭାଜପା ଛାଡ଼ିବେ ସମସ୍ତଙ୍କ ତାରିଖ ଫିକ୍ସ ହୋଇଛି।

କିଏ କେବେ ଯିବେ ସମସ୍ତଙ୍କ ତାରିଖ ଧାର୍ଯ୍ୟ ହୋଇଛି: ସୈନି

ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଧରମ ସିଂ ସୈନି।

୧୭୨ ଆସନ ପାଇଁ ଭାଜପା ପ୍ରାର୍ଥୀ ଚୂଡ଼ାନ୍ତ

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ୧୭୨ ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରାଯାଇଛି। ବର୍ତ୍ତମାନ ବିଧାନ ପରିଷଦ ସଦସ୍ୟ ଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏଥର ବିଧାନସଭା ନିର୍ବାଚନ ଲଢ଼ିବେ। ଏହି ୧୭୨ ଆସନ ମଧ୍ୟରୁ ଅଧିକାଂଶ ନିର୍ବାଚନମଣ୍ଡଳୀରେ ଫେବୃୟାରୀ ୧୦ରେ ଭୋଟଗ୍ରହଣ କରାଯିବ। ସେହିପରି ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା ଓ ଭାଜପା ରାଜ୍ୟ ସଭାପତି ସ୍ୱତନ୍ତ୍ର ଦେବ ସିଂଙ୍କୁ ମଧ୍ୟ ନିର୍ବାଚନ ଲଢ଼େଇବାକୁ ଦଳ ଚାହୁଁଛି। ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଖୁବ୍‌ଶୀଘ୍ର ଜାରି ହୋଇପାରେ ବୋଲି ଦଳ ସୂତ୍ରରୁ ଜଣାପଡ଼ିଛି।

ଭାଜପା ସାପ, ମୁଁ ନେଉଳ: ସ୍ୱାମୀ ମୌର୍ଯ୍ୟ

ଭାଜପା ଏକ ସାପ ସଦୃଶ। କିନ୍ତୁ ମୁଁ ସାପର ବିନାଶକାରୀ ନେଉଳ ବୋଲି ଗୁରୁବାର ଟାର୍ଗେଟ କରିଛନ୍ତି ୟୁପିର ଓବିସି ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ। ଦୁଇଦିନ ତଳେ ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇ ଅଖିଳେଶ ଯାଦବଙ୍କ ସହ ହାତ ମିଳାଇଥିବା ସ୍ୱାମୀ ମୌର୍ଯ୍ୟ ଟୁଇଟରରେ କହିଛନ୍ତି, ଆର୍‌ଏସ୍‌ଏସ୍ ହେଉଛି କୋବ୍ରା। ଭାଜପା ସାପ ଭଳି। କିନ୍ତୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ନେଉଳ ସଦୃଶ, ଯିଏ ସେମାନଙ୍କୁ ୟୁପିରୁ ସଫା ନ କରିବା ଯାଏ ଛାଡ଼ିବ ନାହିଁ।

କଂଗ୍ରେସ ଜାରି କଲା ୧୨୫ ଜଣିଆ ପ୍ରାର୍ଥୀ ତାଲିକା

ନ୍ୟାୟ ପାଇଁ ସଂଗ୍ରାମ କରିଥିବା ଲୋକଙ୍କୁ ନିର୍ବାଚନୀ ରାଜନୀତିକୁ ଆଣି କଂଗ୍ରେସ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କଂଗ୍ରେସ ପକ୍ଷରୁ ଗୁରୁବାର ଉତ୍ତର ପ୍ରଦେଶ ପାଇଁ ୧୨୫ ଜଣିଆ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ଏଥିରୁ ୫୦ ମହିଳାଙ୍କୁ ଟିକେଟ ଦିଆଯାଇଛି। ଏହି ଅବସରରେ ଅନ୍‌ଲାଇନ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ପ୍ରିୟଙ୍କା କହିଛନ୍ତି, ୟୁପିରେ କଂଗ୍ରେସ ମହିଳାମାନଙ୍କୁ ରାଜନୈତିକ ମଞ୍ଚର କେନ୍ଦ୍ରକୁ ଆଣିଛି। ଯାହାଙ୍କ ସହ ଅନ୍ୟାୟ ହୋଇଛି ସେମାନେ ନିଜ ଅଧିକାର ପାଇଁ ଲଢ଼େଇ କରିବା ଲାଗି କ୍ଷମତାକୁ ଆସିବା ଉଚିତ।

ପଞ୍ଜାବରେ ଲୋକେ ବାଛିବେ ଏଏପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ନୂଆଦିଲ୍ଲୀ,୧୩।୧: ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବ ତା'ର ସମାଧାନ ନିମନ୍ତେ ଦଳ ବିଚିତ୍ର ଉପାୟ ଆପଣାଇଛି। ଫୋନ୍ ନମ୍ବର ୭୦୭୪୮୭୦୭୪୮କୁ କଲ୍ କରି ଲୋକେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛନ୍ତୁ ବୋଲି ଏଏପି କହିଛି। ଏହି ନମ୍ବର ଜାରି କରିବା ପରେ ଏଏପି ପକ୍ଷରୁ ଟୁଇଟ୍ କରାଯାଇଛି, ଲୋକେ ଏତେ ଫୋନ୍ କରୁଛନ୍ତି ଯେ ନମ୍ବର ଜାମ୍ ହୋଇଯାଇଛି। ପ୍ରଥମ ଘଣ୍ଟାଏ ଭିତରେ ୨.୮ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିଥିବା ଏଥିରେ କୁହାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଟେଲି-ଭୋଟିଂରେ ଲୋକଙ୍କଠାରୁ ମିଳିଥିବା ପ୍ରସ୍ତାବ ଅନୁସାରେ ଜାନୁୟାରୀ ୧୭ରେ ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଆସନ୍ତା ୧୭ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଲୋକେ ଏହି ନମ୍ବରକୁ କଲ୍ କିମ୍ବା ହ୍ୱାଟ୍ସଆପ୍ କରିପାରିବେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିବା ଦଳୀୟ ଏମ୍‌ପି ଭଗୱନ୍ତ ମାନ୍‌ଙ୍କୁ କେଜ୍‌ରିୱାଲ ନିଜ ଛୋଟ ଭାଇ ବୋଲି କହିଛନ୍ତି। ଭଗୱନ୍ତ ମୁଖ୍ୟମନ୍ତ୍ରୀ ହେବା ଉଚିତ। କିନ୍ତୁ ଏହି ବିଷୟରେ ଲୋକେ ନିଷ୍ପତ୍ତି ନେଲେ ଭଲ ହେବ। ଲୋକଙ୍କୁ କୌଣସି ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିବା ପାଇଁ ଆହ୍ୱାନ ଦେବାର ଏହା ହେଉଛି ପ୍ରଥମ ଦୃଷ୍ଟାନ୍ତ।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି ଶାସକ ଦଳ ନେତା: ଭାଜପା

ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିବା ଅବସରରେ ଭାଜପା ପ୍ରତିନିଧି ମଣ୍ଡଳୀ।

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ରାଜ୍ୟରେ ଚାଲୁ ରହିଥିବା ସମସ୍ତ ରେଳ ପ୍ରକଳ୍ପ ପାଇଁ ଥିବା ଜମି ଅଧିଗ୍ରହଣ ଓ ଏ କ୍ଷେତ୍ରରେ ଥିବା ସମସ୍ତ ଅସୁବିଧା ଦୂରକରିବା ଦିଗରେ ଏକ ସମୀକ୍ଷା ବୈଠକ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାୟ ୪୦ଟି ରେଳ ପ୍ରକଳ୍ପର ଜମି ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିବା ସହ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ୨୧ ଜିଲାର ଅତିରିକ୍ତ ଜିଲାପାଳ, ବାଣିଜ୍ୟ ଓ ପରିବହନ ବିଭାଗର ଜମି ଅଧିଗ୍ରହଣ ଅଧିକାରୀ ଓ ରେଲୱେର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଯବାନ-ମାଓବାଦୀ ଗୁଳି ବିନିମୟ

୪ ମାଓବାଦୀ ମୃତ, ବିଭିନ୍ନ ସାମଗ୍ରୀ ଜବତ: ଏସ୍‌ପି

ନୂଆପଡ଼ା ଅଫିସ,୧୩।୧

ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟରେ ୩/୪ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫ରୁ ଅଧିକ ଆହତ ହୋଇଥିବା ଅନୁମାନ କରାଯାଉଛି। ଗୁଳି ଚାଳନା କରି ମାଓବାଦୀମାନେ ମୃତ ଶରୀରକୁ ଜଙ୍ଗଲ ଭିତରକୁ ନେଇଯାଇଥିଲେ ବୋଲି ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକର ଗୁରୁବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେଠାରେ ଏକ ବଡ଼ଧରଣର ମାଓବାଦୀ କ୍ୟାମ୍ପ ଠାବ କରାଯିବା ସହିତ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଏସ୍‌ଓଜି, ଡିଏଭି ଏବଂ ସିଆର୍‌ପିଏଫ୍ ଯବାନଙ୍କ କକ୍ଷରୁ ମିଳିତ ଭାବେ ଗତ ୭ ତାରଖରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଉଭୟଙ୍କ ପକ୍ଷରୁ ଦୀର୍ଘ ସମୟ ଧରି ଗୁଳିଚାଳନା ହୋଇଥିଲା। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ଯବାନମାନେ ଏକ ବଡ଼ଧରଣର ମାଓବାଦୀ କ୍ୟାମ୍ପ ଠାବ କରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ସେଠାରୁ ୨ଟି ସୋଲାର ପ୍ଲେଟ, ଗୋଟିଏ ପ୍ଲାଷ୍ଟିକ ଡ୍ରମ, ୫ଟି ଛତା, ଗୋଟିଏ ୧୨ ଭୋଲଟ ବ୍ୟାଟେରି, ମୋରଟର ସେଲ ୩ଟି ସହିତ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ୨୧୬ ସିଆର୍‌ପିଏଫ୍ ବାଟାଲିୟନ କମାଣ୍ଡାଣ୍ଟ ରାଜେଶ ବସ୍ୟ, ଦ୍ୱିତୀୟ କମାଣ୍ଡାଣ୍ଟ ଧୀରଜ କୁମାର ସିଂ ଓ ଡେପୁଟି କମାଣ୍ଡାଣ୍ଟ ଏସ୍‌ଏସ୍‌ଏ ନକବୀ ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଏଆଇଏଫ୍ ପକ୍ଷରୁ ୩ ପୋର୍ଟେବଲ ହସ୍ପିଟାଲର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧: ମାଷ୍ଟରକାର୍ଡ ଓ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେଶନ (ଏଆଇଏଫ୍) ର ମିଳିତ ସହଯୋଗରେ ସଂସ୍ଥା ଓଡ଼ିଶାରେ ୩ଟି ପୋର୍ଟେବଲ ହସ୍ପିଟାଲର ଶୁଭାରମ୍ଭ କରିଛି। ସଂସ୍ଥା ପକ୍ଷରୁ ଗଞ୍ଜାମ, କଟକ ଓ ମାଲକାନଗିରି ଜିଲାରେ ନୂଆ କରି ଉଦ୍‌ଘାଟିତ ହୋଇଥିବା ଉକ୍ତ ହସ୍ପିଟାଲଗୁଡ଼ିକୁ ମାଷ୍ଟରକାର୍ଡ ଇମ୍ପାକ୍ଟ ଫଣ୍ଡ ମାଧ୍ୟମରେ କରାଯାଇଥିବା ଜନହିତକାରୀ ପ୍ରୟାସର ଅଂଶ ଭାବେ ଏଆଇଏଫ୍ ଦ୍ୱାରା ସ୍ଥାପନ କରାଯାଇଛି। ନିକଟରେ ଶୁଭାରମ୍ଭ ହୋଇଥିବା ଏହି ପୋର୍ଟେବଲ ହସ୍ପିଟାଲଗୁଡିକରେ ଟ୍ରାଏଜ୍ ଓ ଟ୍ରିଟ୍‌ମେଣ୍ଟ ସେଣ୍ଟର ଆଦି ସାମିଲ ରହିଛି, ଯେଉଁଥିରୁ ୧୮୪ ଜେନେରାଲ ୱାର୍ଡ ବେଡ୍ ଏବଂ ୧୬ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ) ଭଳି ସୁବିଧା ରହିଛି। କଟକରେ ୧୦୦, ଗଞ୍ଜାମରେ ୫୦ ଓ ମାଲକାନଗିରିରେ ୫୦ ଏପରି ମୋଟ ୨୦୦ ନୂତନ ବେଡ୍‌କୁ ୩ଟି ଜିଲାରେ ବିଭକ୍ତ କରାଯାଇଛି।

ରାଜକୁମାର ରିନ୍ୟୁବାୟର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୩।୧: ଦେଶର ପ୍ରମୁଖ ଇନ୍ସୁର ଟେକ୍ କମ୍ପାନୀ, ରିନ୍ୟୁବାୟର ବ୍ରାଣ୍ଡ୍ ପ୍ରସ୍ତାବ 'ସ୍ମାର୍ଟ ଟେକ୍, ରାଇଟ୍ ଆଡ୍‌ଭାଇସ୍' ସହିତ ପ୍ରଥମ ୩୬୦-ଡିଗ୍ରୀ ଆଡ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ଲୋକପ୍ରିୟ ଫିଲ୍ମ ଅଭିନେତା ରାଜକୁମାର ରାଓଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ଆଡ୍ କ୍ୟାମ୍ପେନ୍ ଉପଭୋକ୍ତାଙ୍କର ବୀମା ଆବଶ୍ୟକତା ପୂରଣ କରିବାର ବ୍ରାଣ୍ଡ ପ୍ରତିଶ୍ରୁତିକୁ ଆଲୋକିତ କରୁଛି। 'ସ୍ମାର୍ଟ ଟେକ୍, ରାଇଟ୍ ଆଡ୍‌ଭାଇସ୍' ବିଷୟବସ୍ତୁ ଆଧାରିତ ଏହି କ୍ୟାମ୍ପେନ୍ ରିନ୍ୟୁବାୟରର ସବୁଠାରୁ ନିର୍ଭରଯୋଗ୍ୟ ଇନ୍ସୁରଟେକ୍ ପ୍ଲାଟ୍‌ଫର୍ମ ହେବାର ମୂଳ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଉଛି। ଉପଭୋକ୍ତାମାନେ ଡିଜିଟାଲ ମାଧ୍ୟମରେ ଦେଶର ଯେକୌଣସି ସ୍ଥାନରୁ ରିନ୍ୟୁବାୟର ଡିଜିଟାଲି ସକ୍ଷମ ପିଓଏସ୍‌ପି ଇନ୍ସୁରାନ୍ସ ଆଡ୍‌ଭାଇଜରଙ୍କ ରାଷ୍ଟ୍ରବ୍ୟାପୀ ଦୃଢ଼ ନେଟ୍‌ୱର୍କ ମାଧ୍ୟମରେ ଇନ୍ସୁରାନ୍ସ ପଲିସି ପାଇପାରିବେ।

୬ ଟ୍ରିଲିୟନ ଅର୍ଥ ବିନିଯୋଗ କରିବ ରିଲାଏନ୍ସ ଗ୍ରୁପ୍

ମୁମ୍ବାଇ,୧୩।୧

କୋଭିଡ୍ ସଂକ୍ରମଣର ନୂଆ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ବର୍ତ୍ତମାନ ନିବେଶ ପ୍ରୋତ୍ସାହନ କାର୍ଯ୍ୟକଳାପ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀ-୨୦୨୨ ସ୍ଥଗିତ ରହିଛି। ଏହି ନିବେଶ କାର୍ଯ୍ୟକ୍ରମରେ ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ଗୁରୁବାର ଗୁଜରାଟ ସରକାରଙ୍କ ସହ ପ୍ରାୟ ୬ (୫.୯୫) ଟ୍ରିଲିୟନ ଟଙ୍କାର ବିନିଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଉକ୍ତ ଏମ୍‌ଓୟୁ ଆସନ୍ତା ୧୦ରୁ ୧୫ ବର୍ଷ ମଧ୍ୟରେ ଗୁଜରାଟରେ ୫ ଟ୍ରିଲିୟନ ଟଙ୍କା ବିନିଯୋଗ କରିବ ବୋଲି ସୂଚନା ମିଳିଛି। ରାଜ୍ୟ ନେଟ୍ ଶୂନ ଏବଂ କାର୍ବନ ମୁକ୍ତ କରିବା ପାଇଁ ଯୋଜନା କରିଛି। ସେହିଭଳି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ (ଏସ୍‌ଏମ୍‌ଇ) କୁ ସାହାଯ୍ୟ କରିବା ପାଇଁ ଏହା ବେଶ୍ ସହାୟକ ହେବ। ସେହିପରି ରାଜ୍ୟର ଇକୋ-ସିଷ୍ଟମ ବିକାଶ ଏବଂ ଅକ୍ଷୟ ଶକ୍ତି ଓ ସବୁଜ ହାଇଡ୍ରୋଜେନର ବ୍ୟବହାରକୁ ନୂତନ ଟେକ୍ନୋଲୋଜିର ଗୁରୁତ୍ୱକୁ ବ୍ୟବହାର କରିବ। ଏହି ଅବସରରେ ବିଭିନ୍ନ ଉଦ୍ଭାବନକୁ ଗ୍ରହଣ କରିବାକୁ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବ ବୋଲି ଆର୍‌ଆଇଏଲ୍ ଉକ୍ତ ସମ୍ମିଳନୀ ଘୋଷଣା କରିଛି। ଏ ନେଇ ମଧ୍ୟ ଗୁଜରାଟ ସରକାରଙ୍କ ପରାମର୍ଶକ୍ରମେ କଚ୍ଛ, ବନସ୍କଣ୍ଠା ଏବଂ ଧୋଲେରାଠାରେ ୧୦୦ ଗିଗାୱାଟର ଏକ ନବୀକରଣଯୋଗ୍ୟ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ପାଇଁ ମଧ୍ୟ ଆବଶ୍ୟକ ୪୫୦,୦୦ ଏକର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଅପରପକ୍ଷରେ ପଲି ସିଲିକନ୍, ୱେଫର୍, ସେଲ୍ ଏବଂ ମଡ୍ୟୁଲ୍ ଏବଂ ଇଲେକ୍ଟ୍ରୋଲାଇଜର ଉତ୍ପାଦନ ମାଧ୍ୟମରେ ସୌର ପିଭି ମଡ୍ୟୁଲ ଭଳି ନୂତନ ଶକ୍ତି ଉତ୍ପାଦନ-ଇଣ୍ଟିଗ୍ରେଟେଡ୍ ନବୀକରଣ ଯୋଗ୍ୟ ସାମଗ୍ରୀ ସ୍ଥାପନ ପାଇଁ ଆର୍‌ଆଇଏଲ୍ ଆଉ ୬୦,୦୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଜଣାପଡ଼ିଛି। ସେହିଭଳି ଶକ୍ତି ସଂରକ୍ଷଣ ବ୍ୟାଟେରି ଏବଂ ଇନ୍ଧନ କୋଷଗୁଡ଼ିକର ବିକାଶ କାର୍ଯ୍ୟ ଉପରେ ମଧ୍ୟ କମ୍ପାନୀ ନିବେଶ କରିବା ସମ୍ଭାବନା ରହିଛି। ଏହି ପ୍ରକଳ୍ପଗୁଡିକ ଗୁଜରାଟରେ ହେବା ଫଳରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୧ ମିଲିୟନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆର୍‌ଆଇଏଲ୍ କହିଛି। ସେହିପରି ଆଗାମୀ ୩ ରୁ ୫ ବର୍ଷ ମଧ୍ୟରେ କମ୍ପାନୀ ବିଭିନ୍ନ ପ୍ରକଳ୍ପ ଏବଂ ନୂତନ ଉଦ୍ୟୋଗ ଜରିଆରେ ରାଜ୍ୟର ଭିତ୍ତିଭୂମି ଓ ବିକାଶ କାର୍ଯ୍ୟରେ ଆର୍‌ଆଇଏଲ୍ ଅତିରିକ୍ତ ୨୫,୦୦୦ କୋଟି ଟଙ୍କା ବିନିଯୋଗ କରିବ। ଜିଓ ନେଟ୍‌ୱାର୍କର ୫ଜି କୁ ଉନ୍ନୟନ ପାଇଁ ୩ ରୁ ୫ ବର୍ଷ ମଧ୍ୟରେ ୭,୫୦୦ କୋଟି ଟଙ୍କା ଏବଂ ରିଲାଏନ୍ସ ରିଟେଲରେ ୫ ବର୍ଷ ମଧ୍ୟରେ ୩୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଆର୍‌ଆଇଏଲ୍ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡିଛି।

ସ୍କିଲ୍ ଇଣ୍ଡିଆ ପ୍ରତିଯୋଗିତାରେ ସିଜିୟୁର ସଫଳତା

ଭୁବନେଶ୍ୱର,୧୩।୧

ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ)ର ଛାତ୍ରୀଛାତ୍ରମାନେ ନିକଟରେ ଉଦ୍‌ଯାପିତ ହୋଇଯାଇଥିବା ୨୦୨୧-ସ୍କିଲ୍ ଇଣ୍ଡିଆ ପ୍ରତିଯୋଗିତାରେ ୨୯ ପଦକ ଜିତି ଐତିହାସିକ ସଫଳତା ହାସଲ କରିଛନ୍ତି। ଓଡ଼ିଶାକୁ ଭାରତରେ ପ୍ରଥମ ସ୍ଥାନରେ ଅବସ୍ଥାପିତ କରିବାରେ ସିଜିୟୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୁହାଯାଇଛି। ସବୁଠାରୁ ଉଲ୍ଲେଖ୍ୟଯୋଗ୍ୟ ବିଷୟ ହେଉଛି ସି.ଭି.ରମଣର ଛାତ୍ରୀଛାତ୍ରମାନେ ଫ୍ୟୁଚର ଅଫ୍ ସ୍କିଲ୍ ବିଭାଗ ଯଥା ଇଣ୍ଡଷ୍ଟ୍ରି ୪.୦, ୱାଟର ଟେକ୍ନୋଲୋଜି,ରୋବଟ୍ ସିଷ୍ଟମ ଇଣ୍ଟିଗ୍ରେସନ, ମେକାଟ୍ରୋନିକ୍ସ ଭଳି ଅନେକ ଅତ୍ୟାଧୁନିକ ଦକ୍ଷତା ବିଭାଗରେ ଇଣ୍ଡଷ୍ଟ୍ରିରୁ ଆସିଥିବା ଅଭିଜ୍ଞ ପ୍ରତିଯୋଗୀମାନଙ୍କୁ ପରାସ୍ତ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିମଧ୍ୟରୁ ଅନେକ ଛାତ୍ରୀଛାତ୍ର ସାଂଘାଇରେ ଅକ୍ଟୋବର ୨୦୨୨ରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା ମଧ୍ୟରେ ଶିକ୍ଷାନୁଷ୍ଠାନ ଭାବେ ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ୨୯ଟି ପଦକ ଜିତିବା ଏକ ବିରଳ ରେକର୍ଡ।

ନ୍ୟୁ କ୍ୟାମ୍ରେ ହାଇବ୍ରିଡ୍‌ର ବଜାର ପ୍ରବେଶ

ନୂଆଦିଲ୍ଲୀ,୧୩।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟରର ନୂଆ ବିଳାସପୂର୍ଣ୍ଣ ମଡେଲ 'ନ୍ୟୁ କ୍ୟାମ୍ରେ ହାଇବ୍ରିଡ୍'ର ଭାରତ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏହି ନୂତନ ମଡେଲରେ ବହୁ ବାହ୍ୟ ତଥା ଆଭ୍ୟନ୍ତରୀଣ ଫିଚର ସଂଯୋଗ ରହିଛି। ଏଥିରେ ନ୍ୟୁ ଲୁକ୍ ସମ୍ମୁଖ ବମ୍ପର, ଆଲୟେ ହ୍ୱିଲ୍ ଏବଂ ଗ୍ରୀଲ୍ ଡିଜାଇନିଂ ଆଦି ରହିଛି। ସେହିଭଳି ଫ୍ଲୋଟିଂ ଟାଇପ୍ ୯ ଇଞ୍ଚର ବୃହତ୍ ଇଫୋଟାମେଣ୍ଟ ସିଷ୍ଟମ ସହିତ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ କାର୍ ପ୍ଲେ, ୯ ସ୍ପିକର ପ୍ରିମିୟମ ଅଡିଓ ଜେବିଏଲ୍, କ୍ଲାରିଫାଇ ଭଳି ଜ୍ଞାନକୌଶଳ ଉପଲବ୍ଧ ରହିଛି। ଏଲ୍‌ଇଡି ବ୍ରେକ୍ ଲାଇଟ୍, କଲର ମେଟାଲ ଷ୍ଟିମ୍ ମେଟାଲିକ୍, ସେଲ୍ଫ ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ସେଦାନ୍ ଆଦି ବୈଶିଷ୍ଟ୍ୟ ରହିଛି। ଭାରତରେ ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୪୧,୭୦,୦୦୦ ଟଙ୍କା ରହିଛି। ଏହା ପ୍ଲାଟିନମ୍ ହ୍ୱାଇଟ୍ ପର୍ଲ, ସିଲଭର ମେଟାଲିକ୍, ଗ୍ରାଫାଇଟ୍ ମେଟାଲିକ୍, ରେଡ୍ ମିକା, ଆର୍ଟିଟ୍ୟୁଡ୍ ବ୍ଲାକ୍ ଏବଂ ବର୍ନିଂ ବ୍ଲାକ୍ ଆଦି ରଙ୍ଗରେ ଉପଲବ୍ଧ। ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ସେଲ୍‌ସ ଏବଂ ଷ୍ଟ୍ରାଟେଜି ମାର୍କେଟିଂ ଆସୋସିଏଟ୍ ଉପସଭାପତି ଅତୁଲ ସୁଦ୍ କହିଥିଲେ, ସମ୍ପ୍ରତି ଭାରତୀୟ ଅଟୋମୋଟିଭ୍ ଶିଳ୍ପରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି ପାଇଁ ବିଭିନ୍ନ ଜ୍ଞାନକୌଶଳର ନବୀକରଣ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଆମେ ଭାରତରେ ଗ୍ରାହକଙ୍କ ଆବଶ୍ୟକତା ବୁଝି ଉତ୍ପାଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛୁ। ନ୍ୟୁ କ୍ୟାମ୍ରେ ମାଧ୍ୟମରେ ଟୟୋଟା ଗ୍ରାହକଙ୍କ ନିକଟରେ ନିଜର ଲୋକପ୍ରିୟତା ପୁଣି ଜାହିର କରିବାକୁ ସକ୍ଷମ ହୋଇପାରିବ। ଏହାର ସେଲ୍ଫ ଚାର୍ଜିଂ ହାଇବ୍ରିଡ୍ ଜ୍ଞାନକୌଶଳ ଉପଯୋଗୀ ସାବ୍ୟସ୍ତ ହେବ। ୨୦୧୩ରେ କ୍ୟାମ୍ରେ ହାଇବ୍ରିଡ୍‌ର ବଜାର ପ୍ରବେଶ ହୋଇଥିଲା। ଏହା ପୁଣି ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ କରିପାରିବ ତଥା ପରିବେଶ ଉପଯୋଗୀ ହୋଇପାରିବ।

ଆକ୍ସିସ୍ ସିପିଏସ୍‌ଇ ପ୍ଲସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୩।୧

ଦେଶର ପ୍ରମୁଖ ମ୍ୟୁଚୁଆଲ ଫଣ୍ଡ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର 'ଆକ୍ସିସ୍ ସିପିଏସ୍‌ଇ ପ୍ଲସ୍ ଏସ୍‌ଡିଏଲ୍ ୨୦୨୫, ୭୦:୩୦ ଡେବ୍ଟ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଲକ୍ଷ୍ୟ ଭିତ୍ତିକ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ ଯାହାର ବେଞ୍ଚମାର୍କ ତାରିଖ ହେଉଛି ୨୦୨୫ ଏପ୍ରିଲ ୩୦। ଏହି ନୂଆ ଫଣ୍ଡ କ୍ରିସିଲ୍ ଆଇବିଏକ୍ସ ୭୦:୩୦ ସିପିଏସ୍‌ଇ ପ୍ଲସ୍ ଏସ୍‌ଡିଏଲ୍-ଏପ୍ରିଲ ୨୦୨୫କୁ ଟ୍ରାକ୍ କରିବ ଏବଂ ମୁଖ୍ୟତଃ ଏଏଏ ରେଟିଂ ପାଇଥିବା ସିପିଏସ୍‌ଇ ଓ ଏସ୍‌ଓଭି ଭିତ୍ତିକ ଏସ୍‌ଡିଏଲ୍ ସିକ୍ୟୁରିଟିଗୁଡ଼ିକରେ ନିବେଶ କରିବା ଲାଗି ଏହାର ପୋର୍ଟଫୋଲିଓକୁ ପ୍ରସ୍ତୁତ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଟାର୍ଗେଟ୍ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ ଯେଉଁଥିରେ ମଧ୍ୟମ ଧରଣର ସୁଧ ସମ୍ପର୍କିତ ବିପଦ ଏବଂ ଅପେକ୍ଷାକୃତ କମ୍ କ୍ରେଡିଟ୍ ରେଟ୍ ବିପଦ ରହିଛି। ଏହି ଫଣ୍ଡର ଏନ୍‌ଏଫ୍‌ଓ ଜାନୁୟାରୀ ୧୦ରେ ଖୋଲିଛି। ଜାନୁୟାରୀ ୨୦ରେ ବନ୍ଦ ହେବ।

ଏସ୍‌ଟିଏ ପକ୍ଷରୁ ଡିଲରଙ୍କୁ ସତର୍କବାଣୀ

କଟକ,୧୩।୧

ରାଜ୍ୟର ସମସ୍ତ ଅଟୋମୋବାଇଲ ଡିଲର ଗ୍ରାହକଙ୍କୁ ଉପଯୁକ୍ତ ରସିଦ ନ ଦେଇ ସେମାନଙ୍କଠାରୁ ଅର୍ଥ ଆଦାୟ କରିପାରିବେ ନାହିଁ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନୋଟିସ କରାଯାଇଛି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ଡିଫଲ୍ଟ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟର ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଏସ୍‌ଟିଏ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ଯେ ୨୦୨୨ ଜାନୁୟାରୀ ୧୦ରୁ ଓଡ଼ିଶା ପରିବହନ ବିଭାଗ ଡିଜିଟାଲ ମୋଡ୍‌ରେ ଗାଡ଼ି ଚାଳନା ଲାଇସେନ୍ସ ଏବଂ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରୁଛି। କ୍ରେତା ଦ୍ୱାରା ପ୍ରଦାନ କରାଯାଉଥିବା ଯାନଗୁଡ଼ିକର ପଞ୍ଜୀକରଣର ଦେୟ ୨୮୨ରୁ ୧୪୦ ଟଙ୍କା କମର୍ସ ଆଣ୍ଡ ଟ୍ରାନ୍ସପୋର୍ଟ (ପରିବହନ) ବିଭାଗ ବିଜ୍ଞପ୍ତି ୨୦୨୧ ଡିସେମ୍ବର ୧୨ରେ କ୍ରମିକ ନଂ ୧୦୯୦୦-ଟି ଅନୁଯାୟୀ ମୂଲ୍ୟ ହ୍ରାସ କରାଯାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

For Single Day		For 7 Days		For 15 Days		For 30 days	
6x4	12x4	6x4	12x4	6x4	12x4	6x4	12x4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡ଼ା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାରବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫୁରସତ୍

ଅନ୍ଧ କରିଦେଲା ଡାକ୍ତରଙ୍କ ଭୁଲ୍

ୱାଶିଂଟନ୍: ଆମେରିକାର କଲରାଡୋ ଅରୋରାରେ ରହୁଥିବା ମହିଳା କୋନି ପାର୍କେଙ୍କ ଆଖିରେ ୨୦୦୩ରେ ସମସ୍ୟା ହେବାରୁ ସେ ଡାକ୍ତରଙ୍କ ପାଖକୁ ଆଖି ଯାଞ୍ଚ କରିବାକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ଯାଞ୍ଚ ପରେ ଜଣା ପଡିଲା କି ସେ ଆଉ ଦେଖିପାରିବେ ନାହିଁ। ଡାକ୍ତର କହିଥିଲେ କି ତାଙ୍କୁ ଗ୍ଲୁକୋମା ହୋଇଛି, ଯେଉଁଥିରେ କି ଆଖିର ଦୃଷ୍ଟି ଶକ୍ତି ଚାଲିଯାଏ। ଏହା ପରେ ସେ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥିଲେ। ତାଙ୍କୁ ସବୁଆଡେ ଅନ୍ଧାର ଦେଖାଗଲା। ସେ ଅନ୍ଧ ହେବା କାରଣରୁ ବ୍ରେଲି ଶିଖିବା ଆରମ୍ଭ କରିଦେଇଥିଲେ। ପରିବାରରେ ସମସ୍ତେ ଥାଇ ମଧ୍ୟ ସେ ବହୁତ ଏକୁଟିଆ ଅନୁଭବ କରୁଥିଲେ। ପରେ କୋନି ୨୦୧୮ରେ ଆଖି ପରୀକ୍ଷା କରାଇବାରୁ ତାଙ୍କ ଆଖିରେ ମୋତିଆ ବିନ୍ଦୁ ହୋଇଥିବା ଡାକ୍ତର କହିଲେ। ସେତେବେଳେ ଅଳ୍ପ ଚିକିତ୍ସାରେ କୋନି ସୁସ୍ଥ ହୋଇପାରିଥାନ୍ତେ। କିନ୍ତୁ ଡାକ୍ତରଙ୍କ କଥାରେ ସେ ୧୫ ବର୍ଷ ପର୍ଯ୍ୟନ୍ତ ଦେଖିପାରି ନ ଥିଲେ। ଏହାପରେ ତାଙ୍କ ଆଖିର ଅପରେଶନ ହେବା ଫଳରେ ସେ ଏବେ ସବୁ ଦେଖିବା ସହ ସୁସ୍ଥ ମଧ୍ୟ ଅଛନ୍ତି। ତାଙ୍କୁ ଏବେ ୫୯ ବର୍ଷ ବୟସ। ସେ ବର୍ତ୍ତମାନ ତାଙ୍କ ପରିବାର ସହ ଏକାଠି ସମୟ ବିତାଉଛନ୍ତି।

'କୈଥୀ'ର ହିନ୍ଦୀ ରିମିକ୍ 'ଭୋଲା'

ମୁମ୍ବାଇ: ୨୦୧୯ ମସିହାରେ ରିଲିଜ ହୋଇଥିବା ତାମିଲ ଫିଲ୍ମ 'କୈଥୀ'ର ହିନ୍ଦୀ ରିମିକ୍ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ହିନ୍ଦୀରେ ସିନେମାର ନାଁ ରହିଛି 'ଭୋଲା'। ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ଅଜୟ ଦେବଗନ। ଚଳଚ୍ଚିତ୍ରରେ ଅଜୟ ଦେବଗନ କୈଥୀର ଚରିତ୍ର କରିଥିବା ଭୂମିକାରେ ନଜର ଆସିବେ। ଅଜୟଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ତବୁ ତାଙ୍କ ସହ ଏକାଠି ପରଦାରେ ଅଭିନୟ କରିବେ। ଦୁହିଁଙ୍କ ଯୋଡିକୁ ଦର୍ଶକ ବହୁତ ପସନ୍ଦ କରିବା ନେଇ ଆଶା ରହିଛି। ପୂର୍ବରୁ ଦୁହେଁ 'ଦେ ଦେ ପ୍ୟାର ଦେ'ରେ ଶେଷ ଥର ପାଇଁ ନଜର ଆସିଥିଲେ। ଏଥିରେ ଧର୍ମେନ୍ଦ୍ର ଶର୍ମା ନିର୍ଦ୍ଦେଶନା ଦେଉଛନ୍ତି। ଚଳଚ୍ଚିତ୍ରଟିର ଶୁଟିଂ ଗୋରେଗାଓଁରେ ହୋଇଛି।

ନେଟ୍‌ଫ୍ଲିକ୍ସରେ ଆସିବ 'ଲୁପ୍ ଲପେଟା'

ତାପସୀ ପନ୍ନୁ

ମୁମ୍ବାଇ: ଚଳିତ ବର୍ଷ ତାପସୀ ପନ୍ନୁଙ୍କ ନୂଆ ଅନ୍ଦାଜ ଦର୍ଶକ ଦେଖିବାକୁ ପାଇବେ। ତାଙ୍କର ଏ ବର୍ଷର ପ୍ରଥମ ଫିଲ୍ମ 'ଲୁପ୍ ଲପେଟା'ର ଟ୍ରେଲର ରିଲିଜ ହୋଇଛି। ତାପସୀଙ୍କ ସହ ଏହି ସିନେମାରେ ତାହିର ରାଜ ଭାସିନ ସ୍କ୍ରିନ୍ ଶେୟାର କରିଛନ୍ତି। ଆକାଶ ଭାଟିଆଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି। ଫିଲ୍ମର କାହାଣୀ ବେଶ୍ ଆକର୍ଷଣୀୟ ରହିଛି। ଏଥିରେ କମେଡି, ଡ୍ରାମା, ଏଣ୍ଟରଟେନ୍‌ମେଣ୍ଟ ଦେଖିବାକୁ ମିଳିବ। ଜଣେ ପ୍ରେମିକା ନିଜ ପ୍ରେମିକଙ୍କୁ ବଞ୍ଚାଇବା ପାଇଁ କିପରି ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛି ତାହା ଫିଲ୍ମରେ ଦର୍ଶାଯାଇଛି। ଫିଲ୍ମଟି ଫେବୃୟାରୀ ୪ତାରିଖରେ ନେଟ୍‌ଫ୍ଲିକ୍ସରେ ରିଲିଜ ହେବ। ସିନେମାଟି ଜର୍ମାନୀ ସିନେମା 'ରନ୍ ଲୋଲା ରନ୍'ର ହିନ୍ଦୀ ରିମିକ୍ ଅଟେ। ପ୍ରଥମ ଥର ପାଇଁ ତାପସୀ ଏବଂ ତାହୀର ରାଜ ଏକାଠି ପରଦାରେ ଆସିବେ। ଗତ ବର୍ଷ ତାପସୀଙ୍କ ୩ଟି ଫିଲ୍ମ ରିଲିଜ ହୋଇଥିଲା।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ରଣଜିତ୍ ରାୟ
ବରିଷ୍ଠ ଆଇନଜୀବୀ
ପୌଷ ମାସ, ଶୁକ୍ଳପକ୍ଷ, ଦ୍ୱାଦଶୀ ତିଥି
ତିରୋଧାନ: ୦୭।୦୧।୨୦୨୦ (ମଙ୍ଗଳବାର)
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୦୭୬୫

ଏକାଦଶାହ ଅବସରରେ

ସ୍ୱର୍ଗତା ଜ୍ୟୋତ୍ସ୍ନା ମିଶ୍ର
ଗଜପତିନଗର, ପୁରୀ
ଆବିର୍ଭାବ: ୧୦।୦୨।୧୯୬୩
ତିରୋଧାନ: ୦୪।୦୧।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର: ପ୍ରଜ୍ଞା, ବାବୁ, ଟୁଗୁଲ, ଗୁଡୁଲୁ, କୁକୁଲୁ, ସୁବ୍ରତ ଓ ମିଶ୍ର ପରିବାରବର୍ଗ
D-22845

ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଁ ଶକୁନ୍ତଳା ତ୍ରିପାଠୀ
ପଟିଆଗଡ଼, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୪୩

୨୭ତମ ଶ୍ରାଦ୍ଧବାର୍ଷିକ

ଁ କାର୍ତ୍ତିକ ନାୟକ
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳସାହି, ନୟାଗଡ଼
ଆବିର୍ଭାବ- ୦୭।୧୦।୧୯୪୧
ତିରୋଧାନ- ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତୁମର ହତଭାଗ୍ୟ ପତ୍ନୀ- କାଞ୍ଚନ, ପୁତ୍ର- ବାପି, ପପୁ, ଝିଅ- ସୁଧା, ରୀନା, ଇତି, ନାତି- ଦୀପକ, ନାତୁଣୀ- ଆସ୍ଥା, ଶିଖା, ଲିଜା, ଲିପା, ଲିକା, ପୁତ୍ରବଧୂ- ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୨୮୩୬

ଶ୍ରଦ୍ଧାଞ୍ଜଳି

ଁ ଦୟାନିଧି ପତି (ଓପିଏସ୍)
(ଅବସରପ୍ରାପ୍ତ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ)
ଓଡ଼ିଶା ପୋଲିସ, ବ୍ରାହ୍ମଣୀ ଗାଁ (ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାଖ) କେନ୍ଦୁଝର
ଆବିର୍ଭାବ-୧୯୪୨
ତିରୋଧାନ- ୪।୧।୨୦୨୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମା' ତାରିଣୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୨୮୩୭

ଭାରତୀୟ କ୍ରୀଡ଼ାବିତ୍ ରାଜନେତା

(ଭାଗ-୨)

ଅଶୋକ ମହାନ୍ତି

ପ୍ରସିଦ୍ଧ କ୍ରୀଡ଼ାବିତ୍‌ରୁ ସଫଳ ରାଜନେତାର ପ୍ରଥମ ଭାଗ ଗତ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ଆଫ୍ରିକୀୟ ଦେଶ ଲାଇବେରିଆରେ ଜନ୍ମିତ ଫୁଟବଲ ଖେଳାଳି ଜର୍ଜ ଉଇଓ୍ବା, ଫିଜିର ସଫଳ ଆଥଲେଟ୍ ସିଟିଭେନି ରାବୁକା, ପାକିସ୍ତାନର ବିଶ୍ୱକପ ବିଜୟୀ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ, ୟୁନାଇଟେଡ କିଙ୍ଗଡମ୍ ଅଲିମ୍ପିଆନ ଆଥଲେଟ୍ ଫିଲିପ୍ ନୋଏଲ ବେକର, ବ୍ରାଜିଲର କିମ୍ବଦନ୍ତୀ ଫୁଟବଲ ଖେଳାଳି ପେଲେ, ୟୁକେର ଅଲିମ୍ପିଆନ ଗୋଲ୍ଡ ମେଡାଲିଷ୍ଟ ସେବାଷ୍ଟିନ କୋ, ସୋଭିଏଟ୍ ରୁଷ୍ ପୋଲଭଲ୍ଟର ସର୍ଗେଇ ବୁବ୍‌କା, ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ହକି ଖେଳାଳି ରିଚାର୍ଡ ଚାଲ୍ସଓ୍ବର୍ଥ, ଫିନ୍‌ଲାଣ୍ଡର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଲାସି ଭିରେନ, ଯୁକ୍ତରାଷ୍ଟ୍ର ଆମେରିକା ଅଲିମ୍ପିଆନ ବବ୍ ମାଥିଆସ, ଅଷ୍ଟ୍ରେଲିଆ ସନ୍ତରଣକାରୀ ଡନ୍ ଫ୍ରେଜଫେ ପ୍ରମୁଖଙ୍କ ସମ୍ପର୍କରେ ବର୍ଣ୍ଣନା ରହିଥିଲା। ଏଥର ଭାରତୀୟ କ୍ରୀଡ଼ାବିତ୍-ରାଜନେତାଙ୍କୁ ନେଇ ଏହି ଆଲେଖ୍ୟ।

୧) କଲୋନେଲ ରାଜ୍ୟବର୍ଦ୍ଧନ ସିଂ ରାଠୋର- ରାଜସ୍ଥାନ (ଅଲିମ୍ପିକ୍ ଶୁଟରରୁ ସାଂସଦ/ମନ୍ତ୍ରୀ) ବର୍ତ୍ତମାନ ଭାରତୀୟ ଜନତା ଦଳର ସାଂସଦ ଏବଂ ଦେଶର ପୂର୍ବତନ ସୂଚନା, ପ୍ରସାରଣ ଏବଂ କ୍ରୀଡ଼ା ଯୁବ ବ୍ୟାପାର ବିଭାଗର ମନ୍ତ୍ରୀ କଲୋନେଲ ରାଜ୍ୟବର୍ଦ୍ଧନ ସିଂ ରାଠୋର ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ୧୦ମି. ଡବଲ ଟ୍ରାପ୍ ଶୁଟିଂରେ ବ୍ୟକ୍ତିଗତ ରୌପ୍ୟ ପଦକ ଜିତି ଇତିହାସ ରଚନା କରିଥିଲେ।

୨) ସନ୍ଦୀପ ସିଂ- ହରିୟାଣା (ହକି ଖେଳାଳିରୁ ମନ୍ତ୍ରୀ)- ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସନ୍ଦୀପ ସିଂ କୁରୁକ୍ଷେତ୍ରର ମେଓ୍ବା ନିର୍ବାଚନମଣ୍ଡଳୀରୁ ୨୦୧୯ରେ ଭାରତୀୟ ଜନତା ଦଳର ପ୍ରାର୍ଥୀ ଭାବେ ହରିୟାଣା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ବର୍ତ୍ତମାନ ହରିୟାଣା ସରକାରଙ୍କ କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି।

୩) ଆସଲାମ୍ ସେର ଖାଁ- ଭୋପାଳ, ମଧ୍ୟପ୍ରଦେଶ (ହକି ଅଲିମ୍ପିଆନ୍‌ରୁ ସାଂସଦ) ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ, ଅଲିମ୍ପିଆନ ଏବଂ ୧୯୭୫ ବିଶ୍ୱକପ୍ ବିଜେତା ଆସଲାମ ସେର ଖାଁ ୧୯୮୪ ଅଷ୍ଟମ ଓ ୧୯୯୧ ଦଶମ ଲୋକସଭା ପାଇଁ କଂଗ୍ରେସ ଦଳ ପକ୍ଷରୁ ବେତୁଲ ନିର୍ବାଚନମଣ୍ଡଳୀର ୨ ଟର୍ମ ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରିଥିଲେ।

୪) କିର୍ତ୍ତୀ ଆଜାଦ- ଦରଭଙ୍ଗା, ବିହାର (ଅନ୍ତର୍ଜାତୀୟ କ୍ରିକେଟରରୁ ସାଂସଦ)- ପୂର୍ବତନ ଭାରତୀୟ କ୍ରିକେଟର ଏବଂ ୧୯୮୩ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ କିର୍ତ୍ତୀ ଆଜାଦ ବିହାରର ଦରଭଙ୍ଗା ନିର୍ବାଚନମଣ୍ଡଳୀରୁ ଭାରତୀୟ ଜନତା ଦଳର ପ୍ରାର୍ଥୀ ଭାବେ ୨୦୧୪ରେ ଲୋକ ସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ବର୍ଷ ସେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଛନ୍ତି।

୫) ଡ. କରନି ସିଂ- ବିକାନିର, ରାଜସ୍ଥାନ- (ଅଲିମ୍ପିକ ଶୁଟରରୁ ସାଂସଦ)- ବିକାନିରର ଶେଷ ମହାରାଜା ଡଃ. କରନି ସିଂ ୧୯୫୨ରୁ ୧୯୭୭ ପର୍ଯ୍ୟନ୍ତ ୨୫ବର୍ଷ ଧରି ଲୋକ ସଭା ସାଂସଦ ଭାବେ କାର୍ଯ୍ୟ କରିଥିଲେ। ୧୭ଥର ଜାତୀୟ କ୍ଲେ ପିଜିଅନ ଟ୍ରାପ୍ ଓ ସ୍କିଟ୍ ଟାଇଟଲ ହାସଲ କରିଥିବା ଡ. ସିଂ ୧୯୬୦ରୁ ୧୯୮୦ ମଧ୍ୟରେ ୫ଟି ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

୬) ପର୍ଗତ୍ ସିଂ- ପଞ୍ଜାବ (ଅଲିମ୍ପିକ୍ ହକି ଖେଳାଳିରୁ ବିଧାୟକ/ମନ୍ତ୍ରୀ)- ଭାରତୀୟ ହକିର ପୂର୍ବତନ ଅଧିନାୟକ ଏବଂ ଅଲିମ୍ପିଆନ୍ (୧୯୯୨-୧୯୯୯) ପର୍ଗତ ସିଂ ବର୍ତ୍ତମାନ ପଞ୍ଜାବ ସରକାରଙ୍କ କ୍ରୀଡ଼ା, ଯୁବସେବା, ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।

୭) ନବଜୋତ୍ ସିଂ ସିଦ୍ଧୁ- ପଞ୍ଜାବ (ଅନ୍ତର୍ଜାତୀୟ କ୍ରିକେଟରରୁ ସାଂସଦ/ମନ୍ତ୍ରୀ) – ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ନବଜୋତ ସିଂ ସିଦ୍ଧୁ ୧୯୮୩ରୁ ୧୯୯୯ ମଧ୍ୟରେ ଭାରତ ପକ୍ଷରୁ ୫୦ଟି ଟେଷ୍ଟ ଓ ୧୩୬ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲାପରେ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ ଏବଂ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଭାରତୀୟ ଜନତା ଦଳ ପକ୍ଷରୁ ସାଂସଦ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୭ରେ କଂଗ୍ରେସ ଦଳରେ ଯୋଗଦେଇ ୨୦୧୯ ପର୍ଯ୍ୟନ୍ତ ପଞ୍ଜାବ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ରହିଥିଲେ।

୮) ଚେତନ ଚୌହାନ, ବରେଲି, ଉତ୍ତରପ୍ରଦେଶ (ଅନ୍ତର୍ଜାତୀୟ କ୍ରିକେଟରରୁ ସାଂସଦ)- ପୂର୍ବତନ କ୍ରିକେଟର ଚେତନ ଚୌହାନ ଭାରତ ପାଇଁ ୧୯୬୯ରୁ ୧୯୮୧ ମଧ୍ୟରେ ୪୦ଟି ଟେଷ୍ଟ ଓ ୭ଟି ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ୧୯୯୧ରେ ଆମରୋହ ନିର୍ବାଚନମଣ୍ଡଳୀରୁ ଭାରତୀୟ ଜନତା ଦଳର ପ୍ରାର୍ଥୀ ହୋଇ ଲୋକ ସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୨ରେ ଉତ୍ତରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ।

୯) ମହମ୍ମଦ ଆଝାରୁଦ୍ଦିନ, ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ (ଅନ୍ତର୍ଜାତୀୟ କ୍ରିକେଟରରୁ ସାଂସଦ) - ଭାରତର ଅନ୍ୟତମ ମହାନ୍ ବ୍ୟାଟର ଏବଂ ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନ ଭାରତ ପାଇଁ ୧୯୮୪ରୁ ୨୦୦୦ ପର୍ଯ୍ୟନ୍ତ ୯୯ ଟେଷ୍ଟ ଏବଂ ୩୩୪ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ୨୦୦୯ରେ ମୋରାଦାବାଦ ନିର୍ବାଚନ କ୍ଷେତ୍ରରୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ସାଂସଦ ନିର୍ବାଚିତ ହୋଇଥିଲେ।

୧୦) ଗୌତମ ଗମ୍ଭୀର- ଦିଲ୍ଲୀ (ଅନ୍ତର୍ଜାତୀୟ କ୍ରିକେଟରରୁ ସାଂସଦ)- ଭାରତ ପାଇଁ ୫୮ ଟେଷ୍ଟ ଏବଂ ୧୪୭ଟି ଏକଦିବସୀୟ ମ୍ୟାଚ୍ ଖେଳିଥିବା ଗମ୍ଭୀର ୨୦୧୯ରେ ଭାରତୀୟ ଜନତା ଦଳର ପ୍ରାର୍ଥୀ ଭାବେ ପୂର୍ବ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ସାଂସଦ ନିର୍ବାଚିତ ହୋଇ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି।

୧୧) ଜ୍ୟୋତିର୍ମୟୀ ସିକଦାର- ନଦିଆ, ପ.ବଙ୍ଗଳା (ଚାମ୍ପିୟନ ଆଥିଲେଟ୍‌ରୁ ସାଂସଦ)- ୧୯୯୮ ଏସୀୟ କ୍ରୀଡ଼ାରେ ୮୦୦ମି. ଓ ୧୫୦୦ମି. ଦୌଡ଼ରେ ସ୍ୱର୍ଣ୍ଣପଦକ ଜିତିଥିବା ଜ୍ୟୋତିର୍ମୟୀ ସିକଦାର ୨୦୦୪ରେ କ୍ରିସନଗଡ଼ ନିର୍ବାଚନ କ୍ଷେତ୍ରରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ଭାବେ ଲୋକ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।

୧୨) ଲକ୍ଷ୍ମୀରତନ ଶୁକ୍ଲା, ହାଓଡା, ପ.ବଙ୍ଗଳା (କ୍ରିକେଟରରୁ ବିଧାୟକ/ମନ୍ତ୍ରୀ)- ଭାରତ ପକ୍ଷରୁ ୧୯୯୯ରେ ୩ଟି ଏକଦିବସୀୟ କ୍ରିକେଟ ମ୍ୟାଚ୍ ଖେଳିଥିବା ଲକ୍ଷ୍ମୀରତନ ଶୁକ୍ଲା ତୃଣମୂଳ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ୨୦୧୬ରେ ନଦିଆ ନିର୍ବାଚନ କ୍ଷେତ୍ରରୁ ପ.ବଙ୍ଗ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

୧୩) ପ୍ରସୁନ ବାନାର୍ଜୀ, କୋଲକାତା, ପ.ବଙ୍ଗ: (ଅନ୍ତର୍ଜାତୀୟ ଫୁଟବଲରରୁ ସାଂସଦ)- ୧୯୭୪ରୁ ୧୯୮୫ ମଧ୍ୟରେ ଭାରତକୁ ଏସୀୟ କ୍ରୀଡ଼ା, ପ୍ରି ଅଲିମ୍ପିକ୍ସ ଏବଂ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ପ୍ରସୁନ ବାନାର୍ଜୀ ୨୦୧୩ ଉପନିର୍ବାଚନରେ ହାଓଡ଼ା ସଦର ନିର୍ବାଚନମଣ୍ଡଳୀରୁ ତୃଣମୂଳ କଂଗ୍ରେସର ପ୍ରାର୍ଥୀ ଭାବେ ଲୋକ ସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ୨୦୧୪ରେ ପୁନର୍ବାର ନିର୍ବାଚିତ ହୋଇ ସାଂସଦ ଭାବେ ଦାୟିତ୍ୱ ତୁଲାଇଥିଲେ।

ଏତଦ୍‌ବ୍ୟତୀତ ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର, ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ବକ୍ସର ଏମ୍.ସି. ମେରିକମ୍ ଏବଂ ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ଦିଲ୍ଲୀପ ତିର୍କୀ ରାଜ୍ୟ ସଭାକୁ ମନୋନୀତ ହୋଇ ସାଂସଦ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ଗୌତମ ଗମ୍ଭୀର

ରାଜ୍ୟବର୍ଦ୍ଧନ ସିଂ ରାଠୋର

ନବଜୋତ୍ ସିଂ ସିଦ୍ଧୁ

ପର୍ଗତ୍ ସିଂ

ପ୍ରସିଦ୍ଧ କ୍ରୀଡ଼ାବିତ୍‌ରୁ ସଫଳ ରାଜନେତାର ପ୍ରଥମ ଭାଗ ଗତ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ଅନ୍ତର୍ଜାତୀୟ ସ୍ତରର ଅନେକ ଦିଗ୍‌ଗଜ ଖେଳାଳିଙ୍କ ସମ୍ପର୍କରେ ବର୍ଣ୍ଣନା ରହିଥିଲା। ଏଥର ଦ୍ୱିତୀୟ ଭାଗରେ ଭାରତୀୟ କ୍ରୀଡ଼ାବିତ୍-ରାଜନେତାଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା..

ନୂଆ ସମ୍ଭାବନା



ନିର୍ମଳ କୁମାର ମିଶ୍ର

୨୦୨୧ କ୍ରୀଡ଼ା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ସମେତ ବିଭିନ୍ନ କ୍ରୀଡ଼ାରେ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ଭାରତର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ଚଳିତବର୍ଷ ମଧ୍ୟ ଏହି ସଫଳତାକୁ ଆମ ଖେଳାଳିମାନେ ଦୋହରାଇବା ସହ ପ୍ରଦର୍ଶନରେ ଉନ୍ନତି ଆଣିବେ ବୋଲି ଆଶା କରାଯାଉଛି। ତେଣୁ କ୍ରୀଡ଼ା କ୍ଷେତ୍ରରେ ୨୦୨୨କୁ ନୂଆ ସମ୍ଭାବନାର ବର୍ଷ ବୋଲି କୁହାଯାଇପାରେ।

କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ୨୦୨୧ ଥିଲା ବେଶ୍ ସ୍ୱତନ୍ତ୍ର। କୋଭିଡ୍ ମହାମାରୀ ମଧ୍ୟରେ ଜାପାନ ସଫଳତାର ସହିତ ଅଲିମ୍ପିକ୍ସର ୩୨ତମ ସଂସ୍କରଣକୁ ଅନେକ ପ୍ରତିରୋଧ ମଧ୍ୟରେ ଆୟୋଜନ କରି ପ୍ରଶଂସା ସାଉଁଟି ଥିଲା। ଅଲିମ୍ପିକ୍ସରେ ନିରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ଏବଂ ପୁରୁଷ ହକିରେ ବ୍ରୋଞ୍ଜ ପଦକ ହାସଲ ସାରା ଭାରତକୁ ଉଲ୍ଲସିତ କରିଥିଲା। ପାରାଲିମ୍ପିକ୍ସରେ ପ୍ରମୋଦ ଭଗତଙ୍କ ସ୍ୱର୍ଣ୍ଣ ପଦକ ଭାରତ ସମେତ ସମସ୍ତ ଓଡ଼ିଶାବାସୀଙ୍କୁ ଗର୍ବିତ କରିଥିଲା। କିଛି ବିବାଦ ମଧ୍ୟ ଚର୍ଚ୍ଚାରେ ରହିଥିଲା। କେତେକ କିମ୍ବଦନ୍ତୀ କ୍ରୀଡାବିତ୍‌ଙ୍କୁ ହରାଇଥିଲା କ୍ରୀଡ଼ାଜଗତ। ମିଲଖା ସିଂଙ୍କ ଦେହାନ୍ତ ଏବଂ କ୍ରିକେଟର ସମସ୍ତ ଫର୍ମାଟରୁ ଏବି.ଡିଭିଲର୍ସ ଓ ଲସିଥ୍ ମାଲିଙ୍ଗାଙ୍କ ଅବସର ଅପୂରଣୀୟ କ୍ଷତି ଘଟାଇଥିଲା। ଟି୨୦ ବିଶ୍ୱକପ୍ ଅଧାରୁ ଭାରତ ବିଦାୟ ନେବା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଥିଲା।

ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆ ମାଟିରେ ଇତିହାସ ରଚିଥିଲା ଟିମ୍ ଇଣ୍ଡିଆ। ୩୨ବର୍ଷ ପରେ ବ୍ରିସବେନ ଟେଷ୍ଟରେ ହାରିଥିଲା କଙ୍ଗାରୁ ବାହିନୀ। ୨-୧ରେ ଟେଷ୍ଟ ସିରିଜ ଜିତିଥିଲା ଭାରତ। କରୋନା ଭୟ ଏବଂ ଆଶା ଓ ଆଶଙ୍କା ମଧ୍ୟରେ ଆରମ୍ଭ ହୋଇଥିଲା ଟୋକିଓ ଅଲିମ୍ପିକ୍ସ। ଯେଉଁଥିରେ ଭାରତୀୟ ଆଥଲେଟ୍ ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଥିଲେ। ନୀରଜଙ୍କ ବ୍ୟତୀତ ମୀରାବାଈ ଚାନୁ, ରବି କୁମାର, ବଜରଙ୍ଗ ପୁନିଆ, ପିଭି ସିନ୍ଧୁ ଏବଂ ବୋରଗୋହେନ ଲଭଲିନା ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲେ। କେବଳ ସେତିକି ନୁହେଁ, ୧୯୮୦ ପରେ ଭାରତୀୟ ହକି ଦଳ ପ୍ରଥମଥର ପାଇଁ ପୋଡିୟମ ମଣ୍ଡନ କରିଥିଲା। ଏହି ସଂସ୍କରଣରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ସହିତ ୪୮ ତମ ସ୍ଥାନ ଅଧିକାର କରିଥିଲା ଭାରତ।

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକର ପୁରସ୍କାର ମଧ୍ୟ ଭାରତୀୟ ହକିକୁ ମିଳିଥିଲା। ଅଲିମ୍ପିକ୍ସର ସଫଳତା ପ୍ରତିଫଳିତ ହୋଇଥିଲା ପାରାଲିମ୍ପିକ୍ସରେ। ବ୍ୟାଡମିଣ୍ଟନରେ ଓଡ଼ିଶାର ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର ଟେକକୁ ବିଶ୍ୱଦରବାରରେ ପହଞ୍ଚାଇ ଥିଲେ। ଭାରତ ଖାତାକୁ ଆସିଥିଲା ୫ ସ୍ୱର୍ଣ୍ଣ, ୮ଟି ରୌପ୍ୟ, ୨ ବ୍ରୋଞ୍ଜ ସମେତ ୧୯ ପଦକ।

ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ୨୦୨୧ ଥିଲା ଘଟଣାବହୁଳ। ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ପଦକ ହାସଲ ଓଡ଼ିଶା ସରକାରଙ୍କୁ ଦେଇଥିଲା ଅଜସ୍ର ପ୍ରଶଂସା। ପୁରୁଷ ଜୁନିୟର ହକି ବିଶ୍ୱକପ ଆୟୋଜନ କରି ଓଡ଼ିଶା ପୁଣି ନିଜର ପାରିବା ପଣିଆ ଦେଖାଇଥିଲା। ୨୦୨୨ରେ ଏକାଧିକ ମେଗା ଇଭେଣ୍ଟ ଆୟୋଜନ ହେବ। ଏଥିରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ, ଶୀତକାଳୀନ ଅଲିମ୍ପିକ୍ସ, ମୋଟର ରେସିଂ, ଫୁଟବଲ ବିଶ୍ୱକପ୍, ଟେନିସ୍ ଗ୍ରାଣ୍ଡସ୍ଲାମ ଏବଂ ଆଇପିଏଲ। ଭାରତୀୟ ଏବଂ ଓଡ଼ିଆ ଖେଳାଳିଙ୍କ ଚମକ ନିଶ୍ଚିତ ରହିବ ବୋଲି ଆଶା କରାଯାଏ। ଗତ ବର୍ଷର ସଫଳତାକୁ ଖେଳାଳିମାନେ ଦୋହରାଇ। ତେଣୁ ୨୦୨୨ ନୂଆ ସମ୍ଭାବନାର ବର୍ଷ ହେବ ବୋଲି ଆଶା କରାଯାଉଛି।

ନୀରଜ ଚୋପ୍ରା

୧୯ ବର୍ଷରୁ କମ୍ ବିଶ୍ୱକପ୍

୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଏଥର ୱେଷ୍ଟଇଣ୍ଡିଜ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହେବ। ସର୍ବାଧିକ ୪ଥର ଟାଇଟଲ ହାସଲ କରିଥିବା ଭାରତ ସମେତ ୧୬ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଭାରତ ଯଶ୍ ଧୂଲଙ୍କ ନେତୃତ୍ୱରେ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୪୮ଟି ମୁକାବିଲା ପରେ ଚାମ୍ପିୟନ ଦଳ ଟ୍ରଫି ହାସଲ କରିବ...

ଜୁନିୟର କ୍ରିକେଟର ସର୍ବବୃହତ୍ ଇଭେଣ୍ଟ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଆଧୁନିକ କ୍ରିକେଟର ଅଧିକାଂଶ ସୁପରଷ୍ଟାରମାନେ ୧୯ ବର୍ଷରୁ କମ୍ କ୍ରିକେଟର ଆବିଷ୍କାର ହୋଇଥିବାରୁ ଏହି ବିଶ୍ୱକପ୍‌ର ଗୁରୁତ୍ୱ ଏବେ ବେଶ୍ ବଢ଼ିଯାଇଛି। ସାରା ବିଶ୍ୱର କ୍ରିକେଟ ପ୍ରେମୀ ଏହି ମେଗା ଇଭେଣ୍ଟକୁ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କଲେଣି। ଏଥର ଏହି ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜନ ହେବ। ପ୍ରଥମଥର ପାଇଁ ୱେଷ୍ଟଇଣ୍ଡିଜ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ଅଧିକାର ପାଇଛି। ଜାନୁୟାରୀ ୧୪ରୁ ଆରମ୍ଭ ହୋଇ ଏହା ଫେବୃୟାରୀ ୫ ତାରିଖରେ ଶେଷ ହେବ। ୨୩ ଦିନଧରି ଚାଲିବାକୁ ଥିବା ଏହି ବିଶ୍ୱକପ୍‌ରେ ଦିଲ୍ଲୀ ଯୁବ ବ୍ୟାଟର ଯଶ ଧୂଲଙ୍କ ନେତୃତ୍ୱରେ ଭାରତ ଅଂଶଗ୍ରହଣ କରିବ। କିଛି ଦିନ ତଳେ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଭାରତ ଡିଏଲ୍‌ଏସ୍ ମେଥଡ୍‌ରେ ଶ୍ରୀଲଙ୍କାକୁ ୯ ଉଇକେଟରେ ପରାସ୍ତ କରି ରେକର୍ଡ ଅଷ୍ଟମଥର ପାଇଁ ଟାଇଟଲ ହାସଲ କରିଥିଲା। ଏଥିସହ ଭାରତ ବିଶ୍ୱକପ୍ ପାଇଁ ତା'ର ପ୍ରସ୍ତୁତି ଜୋରଦାର କରିଛି।

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ୫୦ ଓଭର ବିଶିଷ୍ଟ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିବେ ଓ ଏଥିରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ରାଉଣ୍ଡ ରବିନ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମଣ୍ଟ ଉପରେ ଏବେ ସମସ୍ତଙ୍କ ନଜର। ଦେଶରେ ଥିବା ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ନିୟମ ପାଇଁ ନ୍ୟୁଜିଲାଣ୍ଡ ଏଥରୁ ଓହରିଯାଇଛି। ନ୍ୟୁଜିଲଣ୍ଡ ସ୍ଥାନରେ ସ୍କଟଲାଣ୍ଡ ଏଥର ବିଶ୍ୱକପ୍ ଖେଳିବ।

ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଭାରତ ୧୫ ତାରିଖ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୧୯ରେ ଆୟର୍ଲାଣ୍ଡ ଓ ୨୨ ତାରିଖରେ ଉଗାଣ୍ଡା ବିପକ୍ଷରେ ମ୍ୟାଚ୍ ଖେଳିବ। ପାକିସ୍ତାନ ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ତେଣୁ ଭାରତ ଓ ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରେ ମୁହାଁମୁହିଁ ହେବେନାହିଁ। ତେବେ ନିଜ ଗ୍ରୁପ୍‌ରେ ଏହି ଦୁଇ ଦଳ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହିଲେ ସେମିଫାଇନାଲରେ ମୁହାଁମୁହିଁ ହୋଇପାରନ୍ତି।

ବିଶ୍ୱକପ୍‌ରେ ଭାରତ ସର୍ବାଧିକ ୪ଥର (୨୦୦୦, ୨୦୦୮, ୨୦୧୨, ୨୦୧୮) ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ସେହିପରି ଅଷ୍ଟ୍ରେଲିଆ ୩ଥର (୧୯୯୮, ୨୦୦୨, ୨୦୧୦), ପାକିସ୍ତାନ ୨ଥର (୨୦୦୪, ୨୦୦୬) ଓ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଥରେ ଲେଖାଏ ଟାଇଟଲ ଜିତିଛନ୍ତି। ଟୁର୍ନାମେଣ୍ଟରେ ଇଅନ ମୋର୍ଗାନ ଆୟର୍ଲାଣ୍ଡ ତରଫରୁ ପ୍ରତିନିଧିତ୍ୱ କରି ସର୍ବାଧିକ ୬୦୬ ରନ ସଂଗ୍ରହ କରିଛନ୍ତି। ସେହିପରି ଜିମ୍ବାୱେର ୱେସଲି ମାଧେଭେର ସର୍ବାଧିକ ୨୮ଟି ଉଇକେଟ ହାସଲ କରିଛନ୍ତି। କୋଭିଡ୍-୧୯ କଟକଣାରେ ବିଶ୍ୱକପ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ବିଶ୍ୱକପ୍‌ର ଗତ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ୨୦୨୦ରେ ଆୟୋଜନ ହୋଇଥିଲା। ଏଥିରେ ଭାରତ ପ୍ରିୟମ ଗର୍ଗଙ୍କ ନେତୃତ୍ୱରେ ଫାଇନାଲରେ ପ୍ରବେଶ କରିଥିଲା। ତେବେ ବାଂଲାଦେଶଠାରୁ ପରାସ୍ତ ହୋଇ ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେମିଫାଇନାଲରେ ଭାରତ ପାକିସ୍ତାନକୁ ୧୦ ଉଇକେଟରେ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଜୟସ୍ୱାଲ ୧୦୫ ରନର ଅପରାଜିତ ଶତକ ହାସଲ କରି ଅପରାଜିତ ରହିଥିଲେ। ସେହିପରି ବାଂଲାଦେଶ ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା।

ଗ୍ରୁପ୍ ଏ: ବାଂଲାଦେଶ, ଇଂଲଣ୍ଡ ,କାନାଡା, ୟୁଏଇ।
ଗ୍ରୁପ ବି: ଭାରତ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ଉଗାଣ୍ଡା।
ଗ୍ରୁପ ସି: ଆଫଗାନିସ୍ତାନ, ପାକିସ୍ତାନ, ପିଏନ୍‌ଜି, ଜିମ୍ବାୱେ।
ଗ୍ରୁପ୍ ଡି: ଅଷ୍ଟ୍ରେଲିଆ, ସ୍କଟଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍।
ଭାରତୀୟ ଦଳ: ଯଶ ଧୂଲ (ଅଧିନାୟକ), ହରନୁର ସିଂ, ଅଙ୍ଗକ୍ରିସ୍ ରଘୁବଂଶୀ, ଏସ୍.କେ. ରସିଦ (ଉପ-ଅଧିନାୟକ), ନିଶାନ୍ତ ସିନ୍ଧୁ, ସିଦ୍ଧାର୍ଥ ଯାଦବ, ଅନେଶ୍ୱର ଗୌତମ, ଦୀନେଶ ବନା, ଆରାଧ୍ୟ ଯାଦବ, ରାଜ ଅଙ୍ଗଦ ବାୱା, ମାନବ ପରଖ, କୌଶାଲ ତାମ୍ବେ, ଆର.ଏସ୍. ହଙ୍ଗରଗେକର, ବାସୁ ଭାଟ୍ସ, ଭିକି ଓଷ୍ଟୱାଲ, ରବି କୁମାର ଓ ଗର୍ବ ସାଙ୍ଗୱାନ।
ରିଜର୍ଭ ଖେଳାଳି: ରିଷି ରେଡ୍ଡୀ, ଉଦୟ ସାହାରନ, ଅଂଶ ଗୋସାଇ, ଅମ୍ରିତ ରାଜ ଉପାଧ୍ୟାୟ।
ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

ସଂସ୍କରଣ- ୧୪
ତାରିଖ: ୧୪ ଜାନୁୟାରୀରୁ ୫ ଫେବୃୟାରୀ
ଆୟୋଜକ ଦେଶ: ୱେଷ୍ଟଇଣ୍ଡିଜ
କ୍ରିକେଟ ଫର୍ମାଟ: ୫୦ ଓଭର
ଟୁର୍ନାମେଣ୍ଟ ଫର୍ମାଟ୍: ରାଉଣ୍ଡ- ରବିନ ଆଣ୍ଡ ନକ୍‌ଆଉଟ୍
ଅଂଶଗ୍ରହଣକାରୀ ଦେଶ: ୧୬
ମ୍ୟାଚ୍: ୪୮
ଭେନ୍ୟୁ: ୫
ଗତଥରର ଚାମ୍ପିୟନ: ବାଂଲାଦେଶ
ସଫଳତମ ଦେଶ: ଭାରତ (୪ ଟାଇଟଲ)



୧୯ ବର୍ଷରୁ କମ୍ ବିଶ୍ୱକପ୍ ଟ୍ରଫି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୪/୨୦୨୨ Bhubaneswar, Friday, January 14/ 2022

ପ୍ରଥମ ଦଳ ଭାବେ ପହଞ୍ଚିଲା ଚାଇନିଜ ତାଇପେ

ମୁମ୍ବାଇ, ୧୩।୧ (ପି.ଟି.): ଭାରତରେ କରୋନା ମହାମାରୀର ତୃତୀୟ ଲହର ବର୍ତ୍ତମାନ ଚିନ୍ତାର କାରଣ ହୋଇଥିବା ବେଳେ ଏଏଫ୍ସି ମହିଳା ଏସିଆନ କପ୍ ଫୁଟ୍ବଲ ଟୁର୍ନାମେଣ୍ଟ ଖେଳିବା ଲାଗି ଚାଇନିଜ୍ ତାଇପେ ପ୍ରଥମ ଦଳ ଭାବେ ଆସି ଏଠାରେ ପହଞ୍ଚିଛି। ଭାରତୀୟ ଦଳ ବିମାନ ଯୋଗେ କୋଚିରୁ ଆସି ଏଠାରେ ପହଞ୍ଚିବା କଥା ମାତ୍ର ସେଥିରେ ବିଳମ୍ବ ଘଟିଛି। ଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ମହିଳା ଦଳ ବ୍ରାଜିଲ ଗସ୍ତ କରିଥିଲା। ସେଠାରୁ ଫେରିବା ପରେ ଦଳ କୋଚିରେ ଅବସ୍ଥାନ କରୁଥିଲା। ଆସିବାରେ ବିଳମ୍ବ ଘଟିବାରୁ ଗୁରୁବାର ଆୟୋଜକ ରାଷ୍ଟ୍ର ପାଇଁ ଆୟୋଜିତ ମିଡିଆ ସେସନକୁ ସ୍ଥଗିତ ରଖାଯାଇଥିଲା। ୧୨ଟି ଦଳକୁ ନେଇ ହେବାକୁଥିବା ପ୍ରତିଯୋଗିତାରେ ଭାରତୀୟ ଦଳ ଗ୍ରୁପ୍ ଏ'ରେ ଇରାନ (ଜାନୁୟାରୀ ୨୦), ଚାଇନିଜ ତାଇପେ (ଜାନୁୟାରୀ ୨୩) ଓ ଚାଇନା (ଜାନୁୟାରୀ ୨୬) ସହ ମୁକାବିଲା କରିବ। ଖବର ଅନୁସାରେ ପୁଣେରେ ସେମାନଙ୍କ ସମସ୍ତ ମ୍ୟାଚ ଖେଳିବାକୁଥିବା ଦଳଗୁଡ଼ିକ ମୁମ୍ବାଇରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥରେ ପୁଣେ ଗସ୍ତ କରିବେ। ଏହି ଦଳ ଗୁଡ଼ିକ ପୁଣେରେ ଟୁ-ପ୍ଲସ ହୋଟେଲରେ ଅବସ୍ଥାନ କରିବେ। ପ୍ରଥମ ଦଳ ଭାବେ କୋରିଆ ରିପବ୍ଲିକ ୧୫ ତାରିଖ ସୁଦ୍ଧା ପୁଣେରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ଟୁର୍ନାମେଣ୍ଟ ସହ ସମ୍ପୃକ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କର ନିୟମିତ କୋଭିଡ୍ ଟେଷ୍ଟ ହେବ।

ରିଷଭ ପନ୍ତଙ୍କ ଶତକ

■ ଭାରତର ଦ୍ୱିତୀୟ ଇନିଂସ ୧୯୮ରେ ସୀମିତ
■ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୧୨ ରନ ବିଜୟ ଲକ୍ଷ୍ୟ

କେପ୍ ଟାଉନ, ୧୩।୧

ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ରିଷଭ ପନ୍ତ।

ଭାରତର ଯୁବ ଉଇକେଟ କିପର ରିଷଭ ପନ୍ତ ଶତକ ହାସଲ କରି ଭାରତର ସମ୍ମାନ ରକ୍ଷା କରିଛନ୍ତି। ତାଙ୍କ ଶତକ ସତ୍ତ୍ୱେ ଭାରତ ଦ୍ୱିତୀୟ ଇନିଂସରେ ୧୯୮ରେ ଅଲ୍ଆଉଟ ହୋଇ ଯାଇଛି। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୧୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗୁରୁବାର ତୃତୀୟ ଦିବସରେ ଗୁରୁବାର ତୃତୀୟ ଦିବସ ଶେଷ ବେଳକୁ ଦକ୍ଷିଣ ଆଫ୍ରିକା ୨ ଉଇକେଟ ହରାଇ ୧୦୧ ରନ କରିବା ସହ ବିଜୟ ପଥରେ ଅଗ୍ରସର ହୋଇଛି। ଏଡେନ ମାରକ୍ରାମ ୧୬ ଓ ଅଧିନାୟକ ଡିନ୍ ଏଲଗାର ୩୦ ରନକରି ଆଉଟ ହୋଇଥିବାବେଳେ କିଗାନ ପିଟରସନ ୪୮ ରନରେ ଅପରାଜିତ ଅଛନ୍ତି। ଦ୍ୱିତୀୟ ଦିବସର ଅସମାପ୍ତ ଇନିଂସ ୫୭/୨ରୁ ଖେଳ ଆରମ୍ଭ କରିଥିବା ଭାରତ ସମାନ ସ୍କୋରରେ ଚେତେଶ୍ୱର ପୂଜାରାଙ୍କ ଉଇକେଟ ହରାଇଥିଲା। ପୂଜାରା ପୂର୍ବଦିନ ସ୍କୋର ୯ ରନରେ ହିଁ ପ୍ୟାଭିଲିୟନ ଫେରିଥିଲେ। ଅଜିଙ୍କ୍ୟ ରାହାନେ ପୁଣି ବିଫଳ ହୋଇ ମାତ୍ର ୧ ରନ କରି ପାରିଥିଲେ। ବଡ଼ ସ୍କୋର କରିପାରି ନ ଥିଲେ ହେଁ ଅଧିନାୟକ ବିରାଟ କୋହଲି ଖେଳିଥିଲେ ମାରାଥନ ଇନିଂସ। ସେ ୨୯ ରନ କରିଥିଲେ ସତ, ମାତ୍ର ୧୪୩ଟି ବଲ୍ ଖେଳି ରିଷଭ ପନ୍ତଙ୍କୁ ବଡ଼ ସ୍କୋର କରିବାରେ ବିଶେଷ ସହାୟକ ହୋଇଥିଲେ। କୋହଲି ଓ ପନ୍ତଙ୍କ ୫ମ ଉଇକେଟ ଯୋଡ଼ିରେ ୧୭୯ ବଲ୍ରୁ ୯୪ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ କ୍ରିଜରେ ତିଷ୍ଠିରହି ଅସୀମ ଧୈର୍ଯ୍ୟର ପରିଚୟ ଦେଇଥିବା କୋହଲି ଶେଷରେ ଲୁନ୍ଗି ଏନ୍ଗିଡ଼ିଙ୍କ ବଲ୍ରେ ପରାସ୍ତ ହୋଇ ଏଡେନ ମାରକ୍ରାମଙ୍କୁ କ୍ୟାଚ ଦେଇଥିଲେ। କୋହଲିଙ୍କ ବିଦାୟ ପରେ ପନ୍ତଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଭାରତୀୟ ବ୍ୟାଟର ଫେଲ୍ ମାରିଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୭, ଶାର୍ଦ୍ଦୁଳ ଠାକୁର ୫ ଓ ଯଶପ୍ରୀତ୍ ବୁମ୍ରା ୨ ରନ କରିଥିବାବେଳେ ଉମେଶ ଯାଦବ ଓ ମହମ୍ମଦ ସାମି ଖାତା ଖୋଲିପାରି ନ ଥିଲେ। ଅତିରିକ୍ତଭାବେ ଦକ୍ଷିଣ ଆଫ୍ରିକା ବୋଲରମାନେ ୨୮ ରନ ବ୍ୟୟ କରିଥିଲେ। ପନ୍ତ କିନ୍ତୁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖି ସାହସିକ ଶତକ ଅର୍ଜନ କରିଥିଲେ। ସେ ୧୩୯ଟି ବଲ୍ର ସମ୍ମୁଖୀନ ହୋଇ ୬ ଚୌକା ଓ ୪ ଛକା ସହାୟତାରେ ୧୦୦ ରନରେ ଅପରାଜିତ ଥିଲେ। ଟେଷ୍ଟ ଇତିହାସରେ ପ୍ରଥମଥରପାଇଁ କୌଣସି ଏକ ଦଳର ସମସ୍ତ ବ୍ୟାଟର ଦୁଇଟି ଯାକ ଇନିଂସରେ କଟ୍ ଆଉଟ ହୋଇଛନ୍ତି। ଏଠାରେ ଭାରତୀୟ ବ୍ୟାଟରମାନେ ୨ଟି ଯାକ ଇନିଂସରେ କଟ୍ ଆଉଟ ହୋଇଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ମାର୍କୋ ଜାନସେନ ୪ଟି ଏବଂ କାଗିଶୋ ରାବାଡ଼ା ଓ ଲୁନ୍ଗି ଏନ୍ଗିଡ଼ି ୩ଟି ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୨୩। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୧୦। ଭାରତ ଦ୍ୱିତୀୟ ଇନିଂସ: ୧୯୮/ଅଲଆଉଟ (ରିଷଭ ପନ୍ତ-୧୦୦*, ବିରାଟ କୋହଲି-୨୯, ମାର୍କୋ ଜାନସେନ-୪/୩୬, କାଗିଶୋ ରାବାଡ଼ା-୩/୫୩, ଲୁନ୍ଗି ଏନ୍ଗିଡ଼ି-୩/୨୧)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୦୧/୨।

ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି): କେଶୁରା ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୪ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସହିଦ ସ୍ପୋର୍ଟିଂ ୨୪.୨ ଓଭରରେ ୧୪୬ ରନକରି ଅଲ୍ଆଉଟ ହୋଇଥିଲା। ଜବାବରେ ରାମେଶ୍ୱର ୨୩.୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ବିଶ୍ୱଜିତ ଭୂୟାଁ (୨୬ ରନ ଓ ୩ ଉଇକେଟ) ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଣଜୀ ଟ୍ରଫି ତାରକା ବସନ୍ତ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶରତ ସାହୁ ଓ ଦିଲୀପ କୁମାର ସାମଲ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଓ କଟକର ଜୁଭେନାଇଲ ମଧ୍ୟରେ ମ୍ୟାଚ ହେବ।

ବିଶ୍ୱଜିତ ଭୂୟାଁଙ୍କୁ ପୁରସ୍କୃତ କରାଯାଉଛି।

ଓସିଏର ପ୍ୟାନେଲ ଅମ୍ପାୟରଙ୍କ ମୃତ୍ୟୁ

ଅଶୋକ ମହାପାତ୍ର।

ଫୁଲବାଣୀ ଅଫିସ, ୧୩।୧: ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପ୍ୟାନେଲ ଅମ୍ପାୟର ତଥା ଫୁଲବାଣୀର ଆଇନଜୀବୀ ଅଶୋକ ମହାପାତ୍ରଙ୍କ ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କୁ ୪୯ ବର୍ଷ ହୋଇଥିଲା। ଅଶୋକ ବୁଧବାର ଘରେ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ କୋଭିଡ୍ ପରୀକ୍ଷା କରାଯିବାରେ ରିପୋର୍ଟ ପଜିଟିଭ ଆସିଥିବା ଜଣାଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। କିଛି ବର୍ଷ ହେବ ଓଡ଼ିଶା କ୍ରିକେଟ ଆସୋସିଏଶନ ତାଙ୍କୁ ପ୍ୟାନେଲ ଅମ୍ପାୟାର ଭାବେ ନିଯୁକ୍ତି ଦେଇଥିଲା।

ଅଷ୍ଟ୍ରେଲିଆନ ଓପନ ଡ୍ର'ରେ ଜୋକୋଭିଚ୍

ମେଲବୋର୍ନ, ୧୩।୧ (ଏ.ପି.)



ଭିଜା ବିବାଦ ଏପର୍ଯ୍ୟନ୍ତ ତୁଟି ନ ଥିଲେ ମଧ୍ୟ ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ଡ୍ର'ରେ ସ୍ଥାନ ପାଇଛନ୍ତି। ସର୍ବୀୟ ଟେନିସ ଷ୍ଟାର ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। କୋଭିଡ୍ ଭାକ୍ସିନ ନେଇ ନ ଥିବାରୁ ଅଷ୍ଟ୍ରେଲିଆ ସରକାର ଜୋକୋଭିଚ୍ଙ୍କ ଭିଜା ବାତିଲ କରି ତାଙ୍କର ପ୍ରତ୍ୟର୍ପଣ କରିବାର ବ୍ୟବସ୍ଥା କରିବେ କି ନା ତାହା ଏବେ ସୁଦ୍ଧା ଅସ୍ପଷ୍ଟ ରହିଛି। ଅଷ୍ଟ୍ରେଲିଆନ ଓପନ୍ ଡ୍ର'ରେ କିନ୍ତୁ ତାଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଡ୍ର ଅନୁସାରେ ଆସନ୍ତା ସପ୍ତାହରେ ଓପନିଂ ରାଉଣ୍ଡରେ ଜୋକୋଭିଚ୍ ବିଶ୍ୱର ୭୮ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ତାଙ୍କ ଦେଶର ମିଓମିର କେମାନୋଭିଚ୍ଙ୍କୁ ଭେଟିବେ। ଅଷ୍ଟ୍ରେଲିଆନ ଓପନ ଖେଳିବା ଲାଗି ବିଶ୍ୱର ନମ୍ବର ୱାନ୍ ର୍ୟାଙ୍କିଙ୍ଗ ଖେଳାଳି ଜୋକୋଭିଚ୍ ଗତ ସପ୍ତାହରେ ମେଲବୋର୍ନରେ ପହଞ୍ଚିଥିଲେ। କୋଭିଡ୍ ଟିକା ନେଇ ନ ଥିବାରୁ ତାଙ୍କ ଭିଜାକୁ ବାତିଲ କରିଦିଆଯାଇଥିଲା। ମାତ୍ର ଯାଞ୍ଚ ପ୍ରକ୍ରିୟାରେ ତ୍ରୁଟି କାରଣରୁ ସର୍ବୀୟ ଟେନିସ ଷ୍ଟାର ଜଣକ ଗତ ସୋମବାର କୋର୍ଟରେ ଆଇନଗତ ଯୁଦ୍ଧ ଜିତିପାରିଛନ୍ତି। ବିଚାରପତି ତାଙ୍କ ଭିଜାକୁ କାଏମ ରଖିଥିଲେ।

କ୍ୱାର୍ଟର ଫାଇନାଲରେ ସିନ୍ଧୁ

ନୂଆଦିଲ୍ଲୀ, ୧୩।୧: ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ ଓ ଏଚ୍.ଏସ୍. ପ୍ରଣୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ସାଇନା ନେହ୍ୱାଲ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ଉଦୀୟମାନ ମାଳବିକା ବନସୁଦ ନିଜ ଆଦର୍ଶ ସାଇନାଙ୍କୁ ୨୧-୭, ୨୧-୯ରେ ପରାସ୍ତ କରିଛନ୍ତି। ପୂର୍ବରୁ ଟପ୍ ସିଡ୍ ସିନ୍ଧୁ ନିଜ ଦେଶର ଇରା ଶର୍ମାଙ୍କୁ ୨୧-୧୦, ୨୧-୧୦ରେ ହରାଇ ଅଗ୍ରଗତି କରିଥିଲେ। କ୍ୱାର୍ଟରରେ ସେ ଅସ୍ମିତା ଚଳିହାଙ୍କୁ ଭେଟିବେ। ଅସ୍ମିତା ଅନ୍ୟ ଏକ ମ୍ୟାଚ୍ରେ ଫ୍ରାନ୍ସର ୟାଲେ ହୋଏଉକ୍କଙ୍କୁ ୨୧-୧୭, ୨୧-୧୪ରେ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ସୁଇଡେନର ଫେଲିକ୍ସ ବୁରେଷ୍ଟେଡଙ୍କୁ ୨୧-୧୨, ୨୧-୧୫ରେ ହରାଇ ଥିବାବେଳେ ଅନ୍ୟଏକ ପ୍ରି କ୍ୱାର୍ଟର ମ୍ୟାଚ୍ରେ ମିଥୁନ ମଞ୍ଜୁନାଥ ଓହରଯିବା କାରଣରୁ ପ୍ରଣୟ ୱାକ୍ଓଭର ପାଇ କ୍ୱାର୍ଟରକୁ ଉଠିଛନ୍ତି।

ଲିଲିମାଙ୍କ ଅବସର

ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)

ଲିଲିମା ମିଞ୍ଜ

ଭାରତୀୟ ମହିଳା ହକିର ଅନ୍ୟତମ ଦକ୍ଷ ମିଡ୍ଫିଲ୍ଡର ଓଡ଼ିଶାର ଲିଲିମା ମିଞ୍ଜ ଗୁରୁବାର ଅବସର ଘୋଷଣା କରିଛନ୍ତି। କ୍ୟାରିୟରରେ ୧୫୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଲିଲିମା ୧୪ଟି ଗୋଲ ସ୍କୋର କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୭ରେ ଜାପାନର ଗିଫୁଠାରେ ଅନୁଷ୍ଠିତ ଏସିଆ କପ୍ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ଏବଂ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳ ପକ୍ଷରୁ ସେ ପ୍ରତିନିଧିତ୍ୱ କରିଥିଲେ। ୧୯୯୪ ଏପ୍ରିଲ ୧୦ରେ ସୁନ୍ଦରଗଡ଼ ଜିଲା ବିହାବନ୍ଧ-ତାନାତୋଲିଠାରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଶାର ଏହି ଅଲିମ୍ପିଆନ ହକି ତାରକା। ତାଙ୍କ ମା'ଙ୍କ ନାମ ସିଲଭିଆ ମିଞ୍ଜ ଓ ବାପା ଆଞ୍ଜେଲୁସ ମିଞ୍ଜ। ରାଉରକେଲାସ୍ଥିତ ପାନପୋଷ କ୍ରୀଡ଼ା ଛାତ୍ରାବାସରେ ଟ୍ରେନିଂ ନେଇ ସେ କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ। ୨୦୧୧ରେ ବ୍ୟାଙ୍କକଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଏସିଆ କପ୍ ହକିରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ପକ୍ଷରୁ ସେ ଖେଳିଥିଲେ। ଏହି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ସେହିବର୍ଷ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟରେ ସେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟା ପାଲଟି ଯାଇଥିଲେ। ୨୦୧୨ରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ, ୨୦୧୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏଫ୍ଆଇଏଚ୍ ୱାର୍ଲ୍ଡ ଲିଗ୍ (ରାଉଣ୍ଡ-୨)ରେ ସେ ପ୍ରଭାବୀ ଖେଳ ଦେଖାଇଥିଲେ। ୨୦୧୩ରେ ଜର୍ମାନୀର ମନଚେନଗ୍ଲାଡ୍ବ୍ୟାକ୍ଠାରେ ଅନୁଷ୍ଠିତ ଜୁନିୟର ମହିଳା ହକି ବିଶ୍ୱକପରେ ପ୍ରଥମଥର ପାଇଁ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ବିଭିନ୍ନ ଦଳ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ଖେଳିବା ବ୍ୟତୀତ ଲିଲିମା ୨୦୧୪ ଗ୍ଲାସ୍ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଇଞ୍ଚିଅନ ଏସିଆନ ଗେମ୍ସ (ଭାରତକୁ ବ୍ରୋଞ୍ଜ ପଦକ)ରେ ଭାଗ ନେବାସହ ୨୦୧୫ରେ ନ୍ୟୁଜିଲାଣ୍ଡର ହାଷ୍ଟିଙ୍ଗ୍ସଠାରେ ଅନୁଷ୍ଠିତ ହକ୍ସ ବେ କପ୍ରେ ସେ ଚାଇନା ବିପକ୍ଷରେ କ୍ୟାରିୟରର ୫୦ତମ ମ୍ୟାଚ ଖେଳିଥିଲେ। ଦୀର୍ଘ ୩୬ ବର୍ଷ ପରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ ଏବଂ ୨୦୧୬ ରିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ୨୦୧୮ ମାର୍ଚ୍ଚରେ ଦକ୍ଷିଣ କୋରିଆ ବିପକ୍ଷ ସିରିଜରେ ୧୦୦ତମ ଏବଂ ୨୦୧୯ ଅଗଷ୍ଟ ୨୧ରେ ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଜାପାନ ବିପକ୍ଷ ଗେମ୍ ଖେଳି କ୍ୟାରିୟରର ୧୫୦ ମ୍ୟାଚ ପୂରଣ କରିଥିଲେ ଏହି ଅଲିମ୍ପିଆନ। ଏହି ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୯ ଜୁନ୍ ୧୫ରୁ ୨୩ ପର୍ଯ୍ୟନ୍ତ ହିରୋସୀମାରେ ଅନୁଷ୍ଠିତ ଏଫ୍ଆଇଏଚ୍ ସିରିଜ ଫାଇନାଲରେ ଟାଇଟଲ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୨୧ ଜାନୁୟାରୀ ୧୮ରୁ ୩୧ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଗସ୍ତରେ ଭାରତୀୟ ଦଳରେ ସାମିଲ ହୋଇ ସେ ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ୨୦୧୯ ପରେ ବିଶେଷ ଟୁର୍ନାମେଣ୍ଟ ଖେଳିବାକୁ ପାଇ ନ ଥିବା ଲିଲିମା ଗୁରୁବାର ଅବସର ଘୋଷଣା କରି ନିଜ ଜାଜ୍ୱଲ୍ୟମାନ କ୍ୟାରିୟରର ଅନ୍ତ ଘଟାଇଛନ୍ତି।

ୟୁକି ହାରିଲେ

ମେଲବୋର୍ନ, ୧୩।୧: ଭାରତୀୟ ଅଭିଜ୍ଞ ଟେନିସ ତାରକା ୟୁକି ଭାମ୍ବ୍ରୀ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଫଳରେ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ କୌଣସି ଭାରତୀୟଙ୍କୁ ଦେଖିବାକୁ ମିଳିବ ନାହିଁ। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଭାମ୍ବ୍ରୀ ୧-୬, ୩-୬ ସେଟ୍ରେ ଚେକ୍ ଗଣରାଜ୍ୟର ଟୋମାସ ମାଚାକଙ୍କଠାରୁ ପରାସ୍ତ ହୋଇଛନ୍ତି। ୨୦୨୧ ନଭେମ୍ବର ୮ରେ ମାଚାକ ଏଟିପି ସିଙ୍ଗଲ୍ସ ର୍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୧୩୧ତମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୧ ନଭେମ୍ବର ୧ରେ ସେ ଡବଲ୍ସ ର୍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୪୭୦ତମ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟାବର୍ତ୍ତନ କରିବା ପରେ ମଙ୍ଗଳବାର ଭାମ୍ବ୍ରୀ ପ୍ରଥମ ରାଉଣ୍ଡ ମ୍ୟାଚ୍ରେ ବିଜୟ ହାସଲ କରିଥିଲେ। ଏହାପୂର୍ବରୁ ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ କ୍ୱାଲିଫାୟର୍ସର ପ୍ରଥମ ରାଉଣ୍ଡ ମ୍ୟାଚ୍ରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ୨୦୩ତମ ର୍ୟାଙ୍କର ଅଙ୍କିତା ରାଇନା ୟୁକ୍ରେନର ୧୨୦ତମ ର୍ୟାଙ୍କ ଖେଳାଳି ଲେସିଆ ସୁରେଙ୍କୋଙ୍କଠାରୁ ୬-୧, ୬-୦ ସେଟ୍ରେ ମାତ୍ର ୫୦ ମିନିଟ୍ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ନୟାଗଡ଼ରେ ୧୦୨ ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୧୩।୧: ନୟାଗଡ଼ ଜିଲାର ଗୁରୁବାର ରିପୋର୍ଟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୨ରହିଛି। ବୁଧବାର ଆକ୍ରାନ୍ତଙ୍କ ସଂଖ୍ୟା ୭୫ଥିଲା । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଚାଲିଥିବା ବେଳେ ଜିଲାରେ ମୋଟ୍ ୩୦୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି ।

ସଂକ୍ଷେପରେ

ନୀଳମାଧବଙ୍କ ଦର୍ଶନ ଉପରେ କଟକଣା

ଖଣ୍ଡପଡ଼ା,୧୩।୧(ସ୍ୱ.ପ୍ର.): ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହାକୁ ଆଖି ଆଗରେ ରଖି ନୀଳମାଧଙ୍କ ଦର୍ଶନ ଉପରେ କଟକଣା ଜାରି କରାଯାଇଛି । ବିଶେଷ କରି ଶୁକ୍ରବାର ମକର ସଂକ୍ରାନ୍ତି ଓ ଆସନ୍ତା ୧୭ ତାରିଖରେ ପୌଷାଭିଷେକରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ବନ୍ଦ ରହିବ । ହେଲେ ମନ୍ଦିରରେ ସମସ୍ତ ନୀତିକାନ୍ତି ପାରମ୍ପରିକ ରୀତିରେହେବ ବୋଲି ବୁଧବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ପୌଷାଭିଷେକ ଅବସରରେ ଶ୍ରୀଜୀଉ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି । ବୁଧବାର ଅନୁଷ୍ଠିତ ବୈଠକରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ହାସଁଦା, ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ର, ସେବାସୀ ରାସେଶ୍ୱର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଆଲୋଚନା କରି ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

କଂଗ୍ରେସର ସାଙ୍ଗଠନିକ ବୈଠକ

ନୟାଗଡ଼ ଅଫିସ,୧୩।୧: ଶରଣକୁଳ ମା' ଝାଡେଶ୍ୱରୀଙ୍କ ପୀଠରେ ଓଡ଼ଗାଁ ବ୍ଲକ କଂଗ୍ରେସର ରଣପୁର ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ୩ ନଂ. ଜୋନ ପାଇଁ ସସ୍ମିତା ଦାଶ ଓ ୪ ନଂ. ଜୋନ ପାଇଁ ରୁନା ବିଶୋଇଙ୍କୁ ପ୍ରାର୍ଥୀ ଚୟନ କରାଯାଇଛି। ସଭାରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ହୁସେନ ଖାଁ, ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ କୁମାର ଦାଶ, ରାଜ୍ୟ ଯୁବ ଆଇଏନ୍‌ଟିୟୁସି ସଭାପତି ସତ୍ୟବ୍ରତ ନାୟକ, ଶୁଭଶ୍ରୀ ପଣ୍ଡା, ନୟାଗଡ଼ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ମୀର ଅବଦୁଲ ସିଦ୍ଧିକ ଉପସ୍ଥିତ ଥିଲେ। ଉପସ୍ଥିତ କଂଗ୍ରେସ ନେତାମାନେ ରାଜ୍ୟ ବିଜେଡି ସରକାର ଓ କେନ୍ଦ୍ର ଭାଜପା ସରକାରଙ୍କ ଜନ ମାରଣ ନୀତିକୁ ସମାଲୋଚନା କରିଥିଲେ।

୪ ସହରାଞ୍ଚଳର ଫାଇନାଲ ତାଲିକା

ନୟାଗଡ଼ ଅଫିସ,୧୩।୧: ନୟାଗଡ଼ ଜିଲାରେ ନୟାଗଡ଼ ପୌରାଞ୍ଚଳ, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା ଓ ଓଡ଼ଗାଁ ଏନଏସି ରହିଛି । ଓଡ଼ଗାଁ ଏନଏସି ନୂଆ ହୋଇଥିବାରୁ ଏଠାରେ ନିର୍ବାଚନ ହେଉନାହିଁ । ଅନ୍ୟ ସହରରେ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାର ଶୁଣାଣୀ ପରେ ଫାଇନାଲ ତାଲିକା ପ୍ରକାଶ ପାଇଛି । ନୟାଗଡ଼ ପୌରାଞ୍ଚଳରେ ଥିବା୧୬ଟି ୱାର୍ଡ ମଧ୍ୟରୁ ୧ନଂ.ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୨ନଂ. ୱାର୍ଡ ଅଣସଂରକ୍ଷିତ, ୩ନଂ. ୱାର୍ଡ ମହିଳା, ୪ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଅନ୍ୟପକ୍ଷେ ୫, ୬, ୭ ଓ ୮ ନଂ. ୱାର୍ଡ ଅଣସଂରକ୍ଷିତ, ୯ ନଂ. ୱାର୍ଡ ମହିଳା, ୧୦ ଓ ୧୧ନଂ. ୱାର୍ଡ ଅଣସଂରକ୍ଷିତ, ୧୨, ୧୩ ଓ ୧୪ ନଂ. ୱାର୍ଡ ମହିଳା, ୧୫ ନଂ. ୱାର୍ଡ ଅଣସଂରକ୍ଷିତ, ୧୬ ନଂ. ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି ।

ପୂର୍ତ୍ତ ବିଭାଗ ଅସ୍ଥାୟୀ ରାସ୍ତା କାମ ଶେଷ କରୁନି

ନୟାଗଡ଼ ଅଫିସ,୧୩।୧:

ସରି ନ ଥିବା ଅସ୍ଥାୟୀ ରାସ୍ତା କାମ ।

- ଦୁଆଣ୍ଟ ପୋଲ ଦବିବାକୁ ୧୬ ଦିନ ବିତିଲା
- ଲୋକଙ୍କ ଦ୍ୱାରା ନିର୍ମିତ ବାଉଁଶ ପୋଲ ଭାସିଗଲା
- ଭଙ୍ଗା ପୋଲରେ ବିପଦସଙ୍କୁଳ ଭାବେ ଚାଲିଛି ଯାତାୟାତ

ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ପୀଠରୁ ଶ୍ରୀକ୍ଷେତ୍ର ପୁରୀ ଧାମକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକସ୍ଥିତ ଦୁଆଣ୍ଟ ନଦୀ ପୋଲ ଦବିବାକୁ ୧୬ଦିନ ବିତିଯାଇଛି। ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ ଭଙ୍ଗା ପୋଲ ପାଖରେ ଅସ୍ଥାୟୀ ରାସ୍ତା ନିର୍ମାଣ କାମ ବିଳମ୍ବ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଡିମିଶର ଗାଁ ଲୋକେ ଓ ପଞ୍ଚାୟତ ପକ୍ଷରୁ ନିର୍ମାଣ ହୋଇଥିବା ବାଉଁଶ ପୋଲ ନଦୀ ଜଳରେ ଭାସିଯାଇଛି। ଏଭଳିସ୍ଥଳେ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବାସିନ୍ଦାଙ୍କ ଯାତାୟାତ ବନ୍ଦ ହୋଇଯାଇଛି। ତେବେ କେତେଜଣ ଲୋକ ଭଙ୍ଗା ପୋଲ ଉପରେ ବାଇକ୍ ଗଡ଼ାଇ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି।

ଦୁଆଣ୍ଟ ନଦୀର ପୋଲକୁ ପ୍ରାୟ ୩୮ ବର୍ଷ ତଳେ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲ ଥିଲା। ବାଲି ଚୋରମାନେ ନଦୀର ଶଯ୍ୟା ଖୋଳି ବାଲି ନେଇଯିବା ପରେ ବନ୍ୟା ଜଳ ଯୋଗୁ ପୋଲର ରାଫ୍ଟ ଫାଉଣ୍ଡେଶନ ପାର୍ଶ୍ୱରେ ଗର୍ତ୍ତ ହୋଇ ରହିଥିଲା। ରାଫ୍ଟ ଫାଉଣ୍ଡେଶନ ଗର୍ତ୍ତକୁ ମରାମତି ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା। ଏଣୁ ୨୦୨୧ ଡିସେମ୍ବର ୨୯ରେ ପୋଲଟି ଦବି ଯାତାୟାତ ବନ୍ଦ ହୋଇଗଲା। ଯଦିଓ ପୋଲଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ନାହିଁ, ତେବେ ଧୀରେ ଧୀରେ ଦବିବାରେ ଲାଗିଛି। ପୂର୍ତ୍ତ ବିଭାଗ ପକ୍ଷରୁ ପୋଲ ଉପରେ ଯାତାୟାତ ବନ୍ଦ କରାଯାଇଥିଲେ ମଧ ଜରୁରୀ କାମ ପାଇଁ କେତେଜଣ ଲୋକ ଯାତାୟତ କରୁଛନ୍ତି। ଏ ନେଇ ଡିମଶରର ପୂର୍ବତନ ସରପଞ୍ଚ ସତ୍ୟବାନ ନାୟକ କୁହନ୍ତି, ପୋଲ ଭାଙ୍ଗିଗଲା ପରେ ପାଖର ଅସ୍ଥାୟୀ ରାସ୍ତା ନିର୍ମାଣରେ ପୂର୍ତ୍ତ ବିଭାଗ ଡେରି କରୁଛି। ପୁରୀରୁ ଓଡ଼ଗାଁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିଲେ ହେଁ ଏଠାର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୩୦୦ରୁ ଅଧିକ ଗ୍ରାମବାସୀ ରାସ୍ତା ନ ଥିବାରୁ ହଇରାଣ ହେଉଛନ୍ତି। ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ ନ କଲେ ଆନ୍ଦୋଳନ କରାଯିବ। ଡିମିଶରର ଅବନୀ ନାୟକ କୁହନ୍ତି, ଦୁଆଣ୍ଟ ନଦୀପୋଲ ଭାଙ୍ଗି ଯିବା ପରେ ଡିମିଶରରେ ଏକ ବାଉଁଶ ପୋଲ ନିର୍ମାଣ ହୋଇଥିଲା। ବାଉଁଶ ପୋଲ ବନ୍ୟାଜଳରେ ଭାସିଗଲା। ଏବେ ଡିମିଶର ଲୋକେ ଘରର ସଉଦା ପାଇଁ ଗୋଡିପଡା ବଜାରକୁ ଯାଇ ପାରୁନାହାନ୍ତି। ଗୋଡିପଡାର ପ୍ରଣବ ଦାଶ ଓ ବସନ୍ତ ମହାନ୍ତି କୁହନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉନାହିଁ, ଫଳରେ ଲୋକେ ହଇରାଣ ହେଉଛନ୍ତି। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଧରଙ୍କୁ ପଚାରିବାରେ ଅସ୍ଥାୟୀ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବାକୁ କୁହାଯାଇଥିଲା। କାହିଁକି ନିର୍ମାଣ ଶେଷ ହେଉନାହିଁ ତାହାର ଅନୁଧ୍ୟାନ କରାଯିବ। ତୁରନ୍ତ ଅସ୍ଥାୟୀ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଏସ୍‌ଡିଓଙ୍କୁ କହିବେ ବୋଲି ସେ କହିଛନ୍ତି।

ଦନ୍ତା ହାତୀ ଆକ୍ରମଣରେ ଫରେଷ୍ଟର ଗୁରୁତର

ରଣପୁର,୧୩।୧(ଡି.ଏନ.ଏ.)

ନୟାଗଡ଼ ଜିଲା ରଣପୁର ବନାଞ୍ଚଳରେ ଦନ୍ତା ହାତୀ ଆକ୍ରମଣରେ ଜଣେ ଫରେଷ୍ଟର ବୁଧବାର ରାତିରେ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁଯାୟୀ, ସୌରୀ କୁମାର ପାତ୍ର (୩୬) ଖୋର୍ଦ୍ଧା ଡିଭିଜନ ରଣପୁର ବନବିଭାଗ ଶଙ୍ଖଯୋଡି ସେକସନ୍‌ରେ ଫରେଷ୍ଟର ଭାବେ କାମ କରନ୍ତି । ବୁଧବାର ରାତିରେ ଟାଙ୍ଗୀ ବନ ବିଭାଗ ଉଦୁଗିରି ଜଙ୍ଗଲରୁ ଗୋଟିଏ ପଲ ଦନ୍ତା ହାତୀ ବାହାରି ରଣପୁର ଉପେନ୍ଦ୍ରପୁର ଗ୍ରାମକୁ ଆସି ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଶିଥିଲେ। ଖବର ପାଇ ବନ କର୍ମଚାରୀଙ୍କ ସହିତ ଫରେଷ୍ଟର ପାତ୍ର ଦନ୍ତାହାତୀକୁ ଘଉଡାଇବାକୁ ଉଦ୍ୟମ କରିଥିଲେ । ଏତିକି ବେଳେ ଦନ୍ତା ଅତର୍କିତ ଭାବେ ଫରେଷ୍ଟର ପାତ୍ରଙ୍କୁ ଆକ୍ରମଣ କରିଥିଲା । ଏପରି କି ଫରେଷ୍ଟର ପାତ୍ର ପଡିଯିବାରୁ ଦନ୍ତା ଆଗ ଗୋଡ଼ରେ ତାଙ୍କ ଛାତି ଉପରେ ଚଢ଼ି ଯିବାକୁ ଚେଷ୍ଟା କରିଥିଲା। ଦନ୍ତାର ଏପରି ଆକ୍ରମଣରେ ଫରେଷ୍ଟର ପାତ୍ର ଗୁରୁତର ହୋଇଥିଲେ ମଧ୍ୟ ହାତୀ କବଳରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଖବର ପାଇ ଟାଙ୍ଗୀ ବନ୍ୟ ପ୍ରାଣୀ ରେଞ୍ଜ ଅଫିସର ଚୂଡ଼ାରାଣୀ ମୁର୍ମୁ ସଦଳେ ବଳେ ଘଟଣାସ୍ଥଳରେ ପହଞ୍ଚି ଫରେଷ୍ଟର ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କ ଛାତି ହାଡ ଭାଙ୍ଗି ଯାଇଥିବା ଅନୁମାନ କରାଯାଉଛି।

ବିବାହ ବିବାଦ: ଆତ୍ମହତ୍ୟା କରିଥିଲେ ସୁରେଖା

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ରାଜଧାନୀର ଭରତପୁର ଥାନା ଅଞ୍ଚଳରେ ଘଟିଥିବା ସୁରେଖା ପଲେଇ ମୃତ୍ୟୁ ମାମଲାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ସୁରେଖାଙ୍କୁ ହତ୍ୟା କରାଯାଇ ନ ଥିଲା, ବରଂ ନିଜ ପ୍ରେମିକଙ୍କ ସହିତ ବିବାହ ବିବାଦକୁ ନେଇ ସେ ଆତ୍ମହତ୍ୟା କରିଥିଲେ ବୋଲି କମିଶନରେଟ ପୋଲିସ ବୁଧବାର ସ୍ପଷ୍ଟ କରିଛି। ଏହି ଘଟଣାରେ ପୋଲିସ ସୁରେଖାଙ୍କ ପୁରୁଷ ବନ୍ଧୁଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେଥିରେ ଜଣେ ନାବାଳକ ଅଛନ୍ତି। ଅନ୍ୟ ୨ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କୁଞ୍ଜବିହାରୀ ଗ୍ରାମର ବିଶ୍ୱଜିତ ଜେନା ଓ ମାନସ ପାତ୍ର ।

ଯୁବ ମହୋତ୍ସବ ମହକ

ମହକ ମଞ୍ଚରେ ମଞ୍ଚାସୀନ ଅତିଥିମାନେ ।

ଦଶପଲ୍ଲା,୧୩।୧(ଡି.ଏନ.ଏ.)

ଦଶପଲ୍ଲା ସୀତାରାମ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଯୁବ ମହୋତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମହକ ପତାକା ଉତ୍ତୋଳନ କରାଯିବା ପରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରାଯାଇଥିଲା । ଏହି ଉପଲକ୍ଷେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ଅର୍ଜୁନ ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ, ପ୍ରାକ୍ତନ ନୌସେନା ଅଧିକାରୀ ବିଶ୍ୱଭୂଷଣ ଜେନା, ବ୍ଲକ ଉପାଧକ୍ଷ ବସନ୍ତ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ନୟାଗଡ଼ କଲେଜର ଅଧ୍ୟାପକ ବାନାମ୍ବର ପୃଷ୍ଟି ଯୋଗ ଦେଇଥିଲେ । ଏହି ଅବସରରେ ହାଡିବନ୍ଧୁ ମହାକୁଡଙ୍କ ମାସିକ ସାହିତ୍ୟ ପତ୍ରିକା 'ଅକ୍ଷ'ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସୁଜିତ୍ କୁମାର ପ୍ରଧାନ ଓ ସମ୍ପାଦକ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ।

ପହିଲି ଭୋଗ ନୀତି ଶେଷ

ଖଣ୍ଡପଡ଼ା,୧୩।୧(ସ୍ୱ.ପ୍ର.)

ଧନୁ ସଂକ୍ରାନ୍ତି ତିଥିରେ ନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଥିଲା । ଗୁରୁବାରଠାରୁ ପହିଲି ଭୋଗ ନୀତି ଶେଷ ହୋଇଛି । ଧନୁ ସଂକ୍ରାନ୍ତିଠାରୁ ମା'ଲକ୍ଷ୍ମୀ ବାପ ଘରକୁ ଯାଇଥିଲେ। ଶ୍ରୀଜୀଉ ମା'ଙ୍କ ହାତ ତିଆରି ଖାଦ୍ୟ ସଅଳ ଖାଉଥିବାରୁ ତାହାକୁ ପହିଲି ଭୋଗ କୁହାଯାଏ । ଗୁରୁବାର ଏକାଦଶୀ ତିଥିରେ ମା'ଲକ୍ଷ୍ମୀ ସ୍ୱମନ୍ଦିରକୁ ଫେରିଛନ୍ତି । ଶୁକ୍ରବାର ମକର ସଂକ୍ରାନ୍ତି ତିଥିରେ ଶ୍ରୀଜୀଉଙ୍କୁ ମକର ଚାଉଳ ଲାଗି ହେବେ। ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ବି ପହିଲି ଭୋଗ ନୀତି ଶେଷ ହୋଇଛି।



ନୀଳମାଧବଙ୍କ ନବାଙ୍କ ବେଢ଼ା ପରିକ୍ରମା

ଖଣ୍ଡପଡା,୧୩।୧(ସ୍ୱ.ପ୍ର.)

ନବାଙ୍କ ବେଶରେ ଶ୍ରୀନୀଳମାଧବ।

ଦର୍ଶନ କଲେ ଶ୍ରଦ୍ଧାଳୁ

ଗୁରୁବାର ପୌଷ ତ୍ରୟୋଦଶୀ ତିଥିରେ ନୀଳମାଧବ ଜୀଉଙ୍କ ନବାଙ୍କ ବେଢ଼ା ପରିକ୍ରମା ପାରମ୍ପରିକ ରୀତିରେ ଶେଷ ହୋଇଛି । ରାତି ଧୂପ ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇ ପ୍ରଥମେ ଗରୁଡ଼ଙ୍କ ଚତୁଃପାର୍ଶ୍ୱରେ ୩ ଘେରା ବୁଲାଯାଇଥିଲା । ପରେ ମନ୍ଦିର ଓ ବେଢ଼ା ଚାରିପାଖରେ ୩ ଘେରା ଲେଖାଏ ସମୁଦାୟ ୯ ଘେରା ପରିକ୍ରମା କରାଯାଇଥିଲା । ଏହାକୁ ନବାଙ୍କ ବେଢ଼ା ପରିକ୍ରମା ବୋଲି କୁହାଯାଏ । ଠାକୁରଙ୍କ ଏହି ନବାଙ୍କ ବେଢା ପରିକ୍ରମା ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଲୋକ ବିଶ୍ୱାସ ଅନୁଯାୟୀ, ଏହି ନବାଙ୍କ ବେଢା କାର୍ଯ୍ୟକ୍ରମ ବେଳେ ପିତୃ ପୁରୁଷମାନେ ସେମାନଙ୍କ ବଂଶଜମାନେ କିପରି ଅଛନ୍ତି ଦେଖିବାକୁ ଆସିଥାନ୍ତି । ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁ ସେମାନଙ୍କ ପିତୃ ପୁରୁଷଙ୍କ ସଦ୍‌ଗତି ନିମନ୍ତେ ଠାକୁରଙ୍କୁ ପ୍ରାର୍ଥନା କରିଥାନ୍ତି ।

୯ଲକ୍ଷ ଟଙ୍କାର ଚାରା ରୋପଣ ହେଲା ନାହିଁ

ନୂଆଗାଁ,୧୩।୧(ଡି.ଏନ୍.ଏ.)

ଅସ୍ଥାୟୀ କେନ୍ଦ୍ରରେ ଅବହେଳିତ ଭାବେ ରହିଥିବା ଚାରା ।

ଲାଗିଥିବା ସୂଚନା ଫଳକ ।

- ସରକାରୀ ଟଙ୍କା ପାଣିରେ ପଡ଼ିଲା
- ଚାରା ଉତ୍ପାଦନ କେନ୍ଦ୍ର କଥା ଭୁଲି ଗଲେ ଅଧିକାରୀ

ଜଙ୍ଗଲ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସରକାର ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସରକାରଙ୍କ ଅର୍ଥ ପାଣିରେ ପଡୁଛି । ଚାରା ଉତ୍ପାଦନ କେନ୍ଦ୍ରରେ ଚାରା ବଡ ହୋଇ ନଷ୍ଟ ହେଉଥିଲେ ମଧ୍ୟ ସେଥିପ୍ରତି ବନ ବିଭାଗର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳର କାଣିଗିରି ବିଟ୍ ହାଉସରେ ଦେଖିବାକୁ ମିଳିଛି ।

ବନ ବିଭାଗ ଦ୍ୱାରା ଲଣ୍ଡା ପାହାଡ଼ରେ ଗଛ ଲଗାଇବା, ସଂରକ୍ଷିତ ଜଙ୍ଗଲର ପଡିଆ ଥିବା ସ୍ଥାନରେ ଚାରା ରୋପଣ କରିବା ଓ ପରିବେଶ ପ୍ରେମୀଙ୍କ ଦ୍ୱାରା ଚାରାରୋପଣ କରାଇବା ଉଦ୍ଦେଶ୍ୟରେ ସରକାର ବନ ବିଭାଗ ମାଧ୍ୟମରେ ଚାରା ଉତ୍ପାଦନ କରୁଛନ୍ତି। ଏଥିପାଇଁ ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ନିର୍ମାଣ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଚାରା ଉତ୍ପାଦନ ଚାଲିଛି। ଚାରା ବଡ଼ ହେବା ପରେ ସେ ସବୁକୁ ରୋପଣ କରିବା ଓ ସାଧାରଣ ଲୋକଙ୍କୁ ବିକ୍ରି କରିବା ବନ ବିଭାଗର ଦାୟିତ୍ୱ। ସେହି ଅନୁଯାୟୀ କାଣିଗିରି ବିଟ୍ ହାଉସ୍ ଅଧୀନ ଟଭାପଲୀ ନିକଟରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏକ ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ଉକ୍ତ କେନ୍ଦ୍ରରେ ମିଟିକିଣିଆ, ନିମ, ବଡ଼ ଚାକୁଣ୍ଡା , କୃଷ୍ଣଚୂଡ଼ା, ରାଧାଚୂଡ଼ା, କାଜୁ, ଅମୃତଭଣ୍ଡା, ଜାମୁ, ଶିମିଳି, ପିସ୍ତାବାଦାମ ଆଦି ୫୦ ହଜାର ଚାରା ଉତ୍ପାଦନ କରିବା ପାଇଁ ୯,୧୮,୩୦୦ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି । ସେଥି ମଧ୍ୟରୁ ୭,୧୪,୧୫୦ ଟଙ୍କା ଅଣ କୁଶଳୀ ଶ୍ରମିକ ପାଇଁ ଖର୍ଚ୍ଚ ହୋଇଥିବା ବେଳେ ୨,୦୪,୧୫୦ ସାମଗ୍ରୀର ଅଂଶ ବାବଦରେ ଖର୍ଚ୍ଚ କରାଯାଇଛି। ୯।୬।୨୦୨୦ରେ ଆରମ୍ଭ ହୋଇ ୩୦।୬।୨୦୨୧ରେ ଏହି ଚାରା ଉତ୍ପାଦନ ଶେଷ ହୋଇଥିଲା । ହେଲେ ସେହି ଚାରା କୌଣସି କାମରେ ଲାଗିନାହିଁ। ଚାରା ଉପରେ ଏବେ ଘାସ ମାଡ଼ି ଗଲାଣି। ସେଥିପ୍ରତି କୌଣସି ଅଧିକାରୀ କିମ୍ବା କର୍ମଚାରୀ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି । ଚାରା ଉତ୍ପାଦନ ନାଁରେ କେବଳ ଦାୟିତ୍ୱରେ ରହୁଥିବା ଅଧିକାରୀ, କର୍ମଚାରୀ ଲାଭବାନ ହେଉଥିବା ବେଳେ ସରକାରଙ୍କ ଯୋଜନା ଓ ଅର୍ଥବ୍ୟୟ ବିଫଳ ହେଉଛି । ତେଣୁ ସରକାରଙ୍କ ଅର୍ଥ ବ୍ୟୟ କାହା ସ୍ୱାର୍ଥରେ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଏ ବାବଦରେ ମହିପୁର ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରୁ ଚାରା ବଡ ହେବା ପରେ ସୀମିତ ସମୟ ମଧ୍ୟରେ ସେଗୁଡ଼ିକୁ ବଣ୍ଟନ କରାଯିବାର ନିୟମ ରହିଛି । କିନ୍ତୁ ତାହା ବଣ୍ଟନ ହୋଇପାରିଲା ନାହିଁ । ସେ ସବୁର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ଦେବାକୁ ଆମେ ସରକାରଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି ।